# ରାସ୍ତା, ଡ୍ରେନ୍ କାମ ସାରିବାକୁ ଚେତାବନୀ

**କୋମନା, ୭ ।୨(ସମିସ)**

ସ୍ଥାନୀୟ ଜନସାଧାରଣଙ୍କ ଧୈର୍ଯ୍ୟର ସୀମା ଟପିଛି।କୋମନା ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ଦୟନୀୟ ଅବସ୍ଥାକୁ ନେଇ ଏବେ ସ୍ଥାନୀୟଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୀର୍ଘ ୧୦ ବର୍ଷ ଧରି କାମ ଅଧପନ୍ତରିଆ ହୋଇ ପଡ଼ିରହିଛି। ଜାତୀୟ ରାଜପଥ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ରଣହୁଙ୍କାର ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୪ ମସିହାରେ କୋମନା ସହରରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତା ଓ ଡ୍ରେନ କାମ ଅଧପନ୍ତରିଆ ଛାଡି ଦେଇ ଥିବା ବେଳେ ରାସ୍ତା କଡ଼ରେ ପେପର ବ୍ଲକ ବିଛାଇବା କାମ ଏଯାଏଁ ଆରମ୍ଭ କରାଯାଇ ନାହିଁ। କିନ୍ତୁ କୌଣସି ଅଜଣା କାରଣରୁ ବିଭାଗ କାମକୁ ଅଧାରୁ



ଛାଡ଼ି ଦେଇଥିଲା। ଅଧାଗଡ଼ା କାମ ଯୋଗୁଁ ରାସ୍ତାକଡ଼ର ଅବସ୍ଥା ଅତିବେଶୀ ବିପଜ୍ଜନକ ହୋଇଛି। ଯାହାଫଳରେ ଯାତାୟାତ ସମୟରେ ଅନେକ ସମୟରେ ଗାଡ଼ିଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହେଉଛି। କୋମନାର ପ୍ରମୁଖ ସମାଜସେବୀ ଭୁବନେଶ୍ୱର ନାଏକ, ଜୟ ଗୋପାଳ ପଣ୍ଡା ଏବଂ ନିର୍ମଳ ପାଢ଼ୀ, ଗୁପ୍ତେଶ୍ୱର କୁମ୍ଭାର, କୈଳାଶ ଚନ୍ଦ୍ର ଭୋଇ, ସୂର୍ଯ୍ୟମଣି ପଣ୍ଡା ଓ ଜ୍ୟୋତିରଞ୍ଜନ ଯୋଶୀଙ୍କ ସମେତ ଅନେକ ସ୍ଥାନୀୟବାସିନ୍ଦା ଏକତ୍ରିତ ହୋଇ ବିଭାଗୀୟ ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ରାସ୍ତା କାମ ସମ୍ପୂର୍ଣ୍ଣ ହେଉ ନଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଡ୍ରେନେଜ ବ୍ୟବସ୍ଥା ଠିକ୍ ନଥିବାରୁ ସାମାନ୍ୟ ବର୍ଷାରେ ସହରରେ ଜଳବନ୍ଦୀ ସମସ୍ୟା ଉପୁଜୁଛି। ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ତୁରନ୍ତ ପେପର ବ୍ଲକ ଏବଂ ଡ୍ରେନ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାନଗଲେ ଆଗାମୀ ଦିନରେ କୋମନାବାସୀ ରାଜପଥକୁ ଓହ୍ଲାଇବେ। ଦରକାର ପଡ଼ିଲେ ରାସ୍ତାରୋକ ଭଳି କଠୋର ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ଓ ବିଭାଗକୁ ଚେତାବନୀ ଦେଇଛନ୍ତି।

# ଧାନ ମଣ୍ଡିରେ ଚାଷୀଙ୍କ ଧାରଣା

**ଗୋଲାମୁଣ୍ଡା, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚପରିଆ ପେକ୍ସର ସାନଚେରଗାଁ ଧାନମଣ୍ଡିରେ ଚାଷୀମାନେ ଧାରଣା ଦେଇଛନ୍ତି। ସୂଚନାରୁ ପ୍ରକାଶ ଧାନ ମଣ୍ଡିର ଟାର୍ଗେଟ ଶେଷ ହେବା ଫଳରେ ଅନେକ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହୋଇଛନ୍ତି। ଏନେଇ



କେଗାଁ, ସିନାପାଲି ଓ ନୂଆଗାଁ ପଞ୍ଚାୟତର ଚାଷୀମାନେ ସାନଚେରଗାଁ ଧାନ ମଣ୍ଡି ସମ୍ମୁଖରେ ଧାରଣା ଦେଇଥିଲେ। ଉକ୍ତ ଧାରଣା ସ୍ଥଳରେ ଧର୍ମଗଡ଼ ଉପଖଣ୍ଡସ୍ତରୀୟ ଏସିଏସଓ ରାଜାରାମ ହୋତା ଓ ଏଆରସିଏସ୍ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସତ୍ତ୍ୱେ ବି ଚାଷୀ ଧାରଣାରୁ ହଟି ନଥିଲେ। ପରେ ଗୋଲାମୁଣ୍ଡା ଅତିରିକ୍ତ ତହସିଲଦାର ଅନୁଭବ ମହାନ୍ତି ପହଞ୍ଚିବା ସହିତ କେଗାଁ ଥାନା ଆଇଆଇସି ସଙ୍ଗୀତ ବେକ ମଧ୍ୟ ପହଞ୍ଚିଥିଲେ। ଚାଷୀ ଓ ପ୍ରଶାସନ ମଧ୍ୟରେ ଦୀର୍ଘ ତିନି ଘଣ୍ଟା ଧରି ଆଲୋଚନା ହୋଇଥିଲା। ଧାରଣାସ୍ଥଳରେ ହିଁ ପ୍ରଥମେ ୧୪ ଶହ କୁଇଣ୍ଟାଲ ଟାର୍ଗେଟ ଦିଆଯାଇଥିଲା। ଏହା ଶେଷ ନ ହେବା ପୂର୍ବରୁ ପୁଣି ୨ ହଜାର କୁଇଣ୍ଟାଲ ଟାର୍ଗେଟ ଦିଆଯିବ। ଏପରି ମଣ୍ଡିରେ ଥିବା ସମସ୍ତ ଧାନ ଉଠାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ଧାରଣାରୁ ହଟିଥିଲେ।

## କଳମପୁର ଅଞ୍ଚଳରେ ରନ୍ଧନ ଗ୍ୟାସ୍ ଏଜେନ୍ସି ନାହିଁ

**କଳମପୁର, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ଅଞ୍ଚଳରେ ରନ୍ଧନ ଗ୍ୟାସ ଏଜେନ୍ସି ବ୍ୟବସ୍ଥା ନାହିଁ। ଫଳରେ ଲୋକେ ଜୟପାଟଣା ଓ ଜୁନାଗଡ଼ ଏଜେନ୍ସି ଉପରେ ନିର୍ଭର କରି ଆସୁଛନ୍ତି। ଉଭୟ ଏଜେନ୍ସି ରନ୍ଧନ ଗ୍ୟାସ ଯୋଗାଣ କରିବାରେ ଅବହେଳା କରି ଆସୁଛନ୍ତି। ଗ୍ୟାସ ବୁକ କଲେ ମଧ୍ୟ ଠିକ ସମୟରେ ଯୋଗାଣ ହେଉନଥିବା ବେଳେ ଏଜେନ୍ସି ନିକଟକୁ ଗ୍ୟାସ ପାଇଁ ଯାଇ ମଧ୍ୟ ଖାଲି ହାତରେ ଫେରି ଆସିବାକୁ ପଡୁଛି। ଏଥିପାଇଁ ଘରର ରୋଷେଇ ଉପରେ ମାଡ଼ ହେବାରେ ଲାଗିଛି। ରନ୍ଧନ ଗ୍ୟାସ ବ୍ୟବହାର ହେବା ପରେ ଜାଳେଣି କାଠ ମଧ୍ୟ ମିଳୁନାହିଁ। ଏହାର ଅତ୍ୟନ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗ୍ରାମବାସୀ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବିଧାୟକ ଶ୍ରୀ ପଟ୍ଟଯୋଷୀ ନିଶ୍ଚିତ ପଦକ୍ଷେପ ଗ୍ରହଣ କରିବି ବୋଲି କହିଛନ୍ତି।

## ଘର ଆଗରୁ ବୁଲେଟ ଚୋରି

**ଗୋଲାମୁଣ୍ଡା, ୭ ।୨(ସମିସ):** ଗୋଲାମୁଣ୍ଡା ଥାନା ବୃନ୍ଦାବାହାଲ ଗ୍ରାମରୁ ବିଳମ୍ବିତ ରାତ୍ରିରେ ଘର ଆଗରୁ ବୁଲେଟ ଗାଡି ଚୋରି ହୋଇଥିବା ନେଇ ଥାନାରେ ଏତଲା ଦିଆଯାଇଛି। ସୂଚନାମତେ ବୃନ୍ଦାବାହାଲ ଗ୍ରାମର ଉଦିତ ରାଉତ (୩୬)ଙ୍କ ବୁଲେଟ ଗାଡି ନଂ-ଓଡି୦୮ଭି ୭୩୪୮ ଘର ଆଗରେ ଲକ କରି ରଖିଥିଲେ। ସକାଳୁ ଉଠି ଦେଖିଲା ବେଳକୁ ଗାଡି ନଥିବା ଦେଖିବାକୁ ପାଇଥିଲେ। କୌଣସି ଦୁର୍ବୃତ୍ତ ଗାଡି ଚୋରି କରି ନେଇଥିବା ସନ୍ଦେହ ଉପୁଜୁଛି। ବିଭିନ୍ନ ଜାଗାରେ ବହୁ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ମିଳିପାରିନାହିଁ। ଅନ୍ୟପଟେ ଜଣେ ଦୋକାନୀଙ୍କ ସିସିଟିଭି କ୍ୟାମେରା ରେ ବିଳମ୍ବିତ ରାତ୍ରିରେ ୧.୧୭ସମୟରେ ୩ଜଣ ଯୁବକ ଗାଡି ନେଉଥିବା ଭିଡିଓ କଏଦ ହୋଇଛି। ଏନେଇ ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଗୋଲାମୁଣ୍ଡା ପୁଲିସ ପହଞ୍ଚି ତଦନ୍ତ କରୁଛି। ତେବେ ରାତ୍ରିରେ ପୁଲିସ ପାଟ୍ରୋଲିଂ କରୁନଥିବାରୁ ଚୋରି ବଢୁଥିବା ହେତୁ ଜନସାଧାରଣ ଭୟଭୀତ ରହୁଥିବା ଅଭିଯୋଗ ହୋଇଛି।

# ମ.ରାମପୁରରେ ସମ୍ପୂର୍ଣ୍ଣତା ଅଭିଯାନ




**ମ.ରାମପୁର, ୭ ।୨(ସମିସ):** ଭାରତ ସରକାରଙ୍କର ନୀତି ଆୟୋଗର ତତ୍ତ୍ୱାବଧାନରେ ଦେଶର ଅନୁନ୍ନତ ଅଞ୍ଚଳର ଦୃତ ବିକାଶ ପାଇଁ କାର୍ଯ୍ୟକ୍ରମ ଆକାଂକ୍ଷି ବ୍ଲକ ଅଧିନରେ ଆରମ୍ଭ ହୋଇଛି। ଶୁକ୍ରବାର ପଞ୍ଚାୟତ ସମିତି ମ.ରାମପୁର ତରଫରୁ ମ.ରାମପୁର ବିଜୁ କଲ୍ୟାଣ ମଣ୍ଡପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀଙ୍କ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି କଳାହାଣ୍ଡି ଲୋକ ସଭା ସାଂସଦଙ୍କ ପ୍ରତିନିଧି ପଦ୍ମ ଲୋଚନ ମିଶ୍ର, ବିଧାୟକ ନର୍ଲା ପ୍ରତିନିଧି ସତ୍ୟ ନାରାୟଣ ସାହୁ, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଶ୍ରୀକାନ୍ତ ଦଳେଇ, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶୈଳଜା ନନ୍ଦନ ମିଶ୍ର, ଶିଶୁ ବିକାଶ ପ୍ରକଳ୍ପ ମହିଳା ପରିଦର୍ଶିକା ଶର୍ମିଳା ବେହେରା, ଗୋଷ୍ଠି କୃଷି ଅଧିକାରୀ ପୂଜାରାଣୀ ବାଗ, ଗୋଷ୍ଠୀ ପ୍ରାଣୀସମ୍ପଦ ବିଭାଗର ଅତିରିକ୍ତ ଅଧିକାରୀ ପ୍ରତିଭା ମାଝୀ ପ୍ରମୁଖ ମଞ୍ଚାସିନ ଥିଲେ। ବିଡିଓ ଶ୍ରୀ ସେଠୀ ଆକାଂକ୍ଷି ବ୍ଲକର ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ବ୍ଲକକୁ ଦିଆଯାଇଥିବା ୬ଟି ସୂଚକାଙ୍କ ଲକ୍ଷ୍ୟ ସମ୍ବନ୍ଧରେ ବିସ୍ତୃତ ରୂପରେ ଜଣାଇଥିଲେ।ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥିଗଣ ସମସ୍ତଙ୍କ ସମନ୍ୱୟ ଓ ସହଭାଗିତା କାମନା କରି ବ୍ଲକର ଦ୍ରୁତ ବିକାଶ ସହ ସାମଗ୍ରିକ ଉନ୍ନତି ଉପରେ ଗୁରୁତ୍ୱ ଦେଇଥିଲେ। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ବିଭିନ୍ନ ଭତ୍ତା ବିତରଣ କରାଯାଇଥିଲା। ସମସ୍ତ ବିଭାଗୀୟ କର୍ମଚାରୀ, ସମସ୍ତ ଜନପ୍ରତିନିଧି, ଜନ ସାଧାରଣ, ପ୍ରାଶାସନିକ ଅଧିକାରୀ ଓ କର୍ମଚାରୀ ଆଦି ସମସ୍ତେ ଏକହୋଇ କାର୍ଯ୍ୟ କରି ବ୍ଲକକୁ ସୁସ୍ଥ, ସମୃଦ୍ଧ ଭାବରେ ଗଢି ତୋଳିବା ପାଇଁ ଶପଥ ପାଠ କରିଥିଲେ। ବିଭାଗଙ୍କ ଦ୍ୱାରା ପ୍ରଦର୍ଶନୀ ଷ୍ଟଲ୍ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାମ୍ବାଦିକ ହେମନ୍ତ ସାହୁ ପରିଚାଳନା କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ପଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ର ଛାତ୍ରୀ, ସମସ୍ତ ବିଭାଗୀୟ ତୃଣମୂଳସ୍ତର କର୍ମଚାରୀ, ଚାଷୀ, ଜନସାଧାରଣ, ପିରାମଲ ଫାଉଣ୍ଡେସନ, ମହାଶକ୍ତି ଫାଉଣ୍ଡେସନର କର୍ମଚାରୀ ଆଦି ଉପସ୍ଥିତ ଥିଲେ।

## ଡୁମେରପଦର ହାଇସ୍କୁଲର ବାର୍ଷିକ ଉତ୍ସବ

**ଥୁଆମୂଳରାମପୁର, ୭ ।୨ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଡୁମେରପଦର ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ ଶୁଭଜିତ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଏମ୍ଏମ୍ପିଏସ୍ ଯୁକ୍ତ ଦୁଇ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ଅଧ୍ୟାପକ ଉଦ୍ଧବ ବାରିକ, ଅଧ୍ୟାପକ ଶେଖ୍ ଅଖତର୍, ପ୍ରଶାନ୍ତ କୁମାର ମୁଣ୍ଡଛିନା ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଧାନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଜୁନିୟର ସିନିୟର ବର୍ଗରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ସଫଳ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ କିଶୋର ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦନା କରିଥିଲେ।

## ଜଳିଗଲା ହାଇୱା



**କଳମପୁର, ୭ ।୨(ସମିସ):** ରାସ୍ତାରେ ଯାଉଥିବା ଏକ ପିଚୁ ବୋଝେଇ ହାଇୱା ଗାଡ଼ି ରାସ୍ତା ଉପରେ ଜଳିଯାଇଛି। ହାଇୱା ଗାଡି ନଂ- ଓଡି୦୮ଟି-୮୫୫୫ ସାରେସମାଲ ପିଚୁ ପ୍ଲାଣ୍ଟରୁ ପିଚୁ ବୋଝେଇ କରି ଜୟପାଟଣା ବ୍ଲକ ସାନପୁଝାରୀ ଗଡ଼ା ଗ୍ରାମକୁ ଯାଉଥିଲା। କଳମପୁର ବ୍ଲକ ବିଜମରା ନିକଟରେ କୌଣସି କାରଣ ବଶତଃ ଚାଲୁଥିବା ସମୟରେ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ଜାଣି ଚାଳକ ଗାଡିରୁ ଓହ୍ଲାଇ ଦୌଡ଼ି ପଳାଇ ଜୀବନ ବଞ୍ଚାଇ ଥିଲେ। ସୂଚନା ପାଇ ଜୟପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।ବଡ ଅଘଟଣ ହେବା ପୂର୍ବରୁ ନିଆଁକୁ ଆୟତ୍ତ କରାଯିବା ଦ୍ୱାରା ଜନ ସାଧାରଣ ଆଶ୍ୱସ୍ତ ହୋଇଥିଲେ।ଘଟଣାସ୍ଥଳରେ କଳମପୁର ଥାନା ଅଧିକାରୀ ବିଶ୍ୱମ୍ବର କହର, ଏଏସ୍ଆଇ ଶିବ ଶଙ୍କର ମହାନ୍ତି, ବଡକୁଟ୍ଟ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ରିଷିଡ଼ା ପିଏମଶ୍ରୀ ବାପୁଜୀ ହାଇସ୍କୁଲର ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା ୭।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ପିଏମଶ୍ରୀ ସରକାରୀ ବାପୁଜୀ ହାଇସ୍କୁଲ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟତ୍ରୀ ଦିପ୍ତିମୟୀ ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ




କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ ଭାଟି ମୁଖ୍ୟଅତିଥି, ଜଗନ୍ନାଥ ଡିଗ୍ରୀ କଲେଜ ଇଂରାଜୀ ଅଧ୍ୟାପକ ହିରୋଜ କୁମାର ଚାନ୍ଦ ମୁଖ୍ୟବକ୍ତା, ରିଷିଡା ସରପଞ୍ଚ ସରପଞ୍ଚ ସେବତୀ ରଣା, ତେରେସିଂହା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗରୁଡଧ୍ୱଜ ଗହୀର, ବାଞ୍ଜିପଦର ଉନ୍ନୀତ ହାଇସ୍କୁଲର ପ୍ରଧାନଶିକ୍ଷକ ରୂପାଚନ୍ଦ୍ର ସାହୁ, ପରିଚାଳନା ସମିତି ସଭାପତି ସଚ୍ଚିଦାନନ୍ଦ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଦିପ୍ତିମୟୀ ଦୋରା ସ୍ୱାଗତ ଓ ବାର୍ଷିକ ବିବରଣୀ ପଠନ କରିଥିଲେ। ଉଦ୍ଯାପନୀ ସମାରୋହ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ରିଷିଡା ସରପଞ୍ଚ ସେବତୀ ରଣା, ପରିଚାଳନା ସମିତି ସଭାପତି ସଚ୍ଚିଦାନନ୍ଦ ନାଏକ, ଉପସଭାପତି ବୀଣାପାଣି ସୁନା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ମନୋଜ କୁମାର ସୁନା ମଞ୍ଚପରିଚାଳନା କରିଥିବା ବେଳେ ବରିଷ୍ଠଶିକ୍ଷକ ସାଗର ରଣା ଧନ୍ୟବାଦ ଅର୍ପଣ କରିଥି। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ହେମନ୍ତ ସାହୁ ପରିଚାଳନା କରିଥିଲେ। ଶିକ୍ଷକ ମେନେଜର ହରିଜନ, ଅଭିମନ୍ୟୁ ରଣା, ସୁଶାନ୍ତ ସେଠ, ମୁଖିରାମ କମ୍ପ, ରାଜେଶ ପାତ୍ରଙ୍କ ସମେତ ଅନେକ ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ଓ ପରିଚାଳନା ସମିତି ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

## ମହେଶ୍ୱର ସାହୁଙ୍କ ପରଲୋକ

**ଭବାନୀପାଟଣା/ଧର୍ମଗଡ଼, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ପୂର୍ବତନ ଏସ୍ବିଆଇ ଅଧିକାରୀ ତଥା ପ୍ରଜାପତି ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଆଜୀବନ ସଦସ୍ୟ ମହେଶ୍ୱର ସାହୁଙ୍କ ୭୮ ବର୍ଷ ବୟସରେ ପରଲୋକ ହୋଇ ଯାଇଛି।



ସେ କିଛି ଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଦେହାନ୍ତ ହୋଇଛି। ଶୁକ୍ରବାର ତାଙ୍କ ପାର୍ଥିବଶରୀର ଭବାନୀପାଟଣାରେ ପହଞ୍ଚିବା ପରେ ଆତ୍ମିୟ ସ୍ୱଜନ, ପରିବାରବର୍ଗଙ୍କ ଗହଣରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ ସୁବୋଧ କୁମାର ସାହୁ ମୁଖାଗ୍ନି ପ୍ରଦାନ କରିଥଲେ। ପ୍ରଜାପତି ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଭବାନୀପାଟଣା ଶାଖାର କର୍ମକର୍ତ୍ତା, ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ମହାସଂଘ ଭବାନୀପାଟଣା ଓ ଟିଟିଲାଗଡ଼ ସବ ଡିଭିଜନର ସଦସ୍ୟ ତଥା ସହ ର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କର ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

# ସିଏମ୍ ଟ୍ରଫି କବାଡ଼ି ପ୍ରତିଯୋଗିତା ପାଇଁ ଚୟନ



**ନୂଆପଡ଼ା, ୭ ।୨(ସମିସ):** ନୂଆପଡ଼ା ସ୍ଥିତ ପିଏମଶ୍ରୀ ନେସନାଲ ଉଚ୍ଚ ବିଦ୍ୟାଳୟରେ ସିଏମ୍ ଟ୍ରଫି କବାଡି ପ୍ରତିଯୋଗିତା ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଚୟନ ପ୍ରକ୍ରିୟାରେ ଜିଲ୍ଲାର ସମସ୍ତ ବ୍ଲକରୁ ଏବଂ ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ବାଳକ ବିଭାଗରେ ୨୦୫ ଜଣ ଓ ବାଳିକା ବିଭାଗରେ ୯୪ ଜଣ କବାଡି ଖେଳାଳି ଅଂଶ ଗ୍ରହଣ କରିଥିଲେ। ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଖେଳ ଇଣ୍ଡିଆ କବାଡି ସେଣ୍ଟରରେ ଚୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଜିଲ୍ଲାର ବିଶିଷ୍ଟ କ୍ରୀଡାବିତ୍ ତଥା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ତଥା ଓସିଏର ଉପସଭାପତି ଭୈରବ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ନ୍ୟାସନାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ, ସମାଜସେବୀ ଯାଜ୍ଞସେନି ମହାପାତ୍ର, ପ୍ରତିଭା ହୋତା ପ୍ରମୁଖ ଯୋଗ ଦେଇଥିଲେ। ମହତାବ ଆଡଜୁଆଡ଼, ମୋହନ କୁମାର ମହନ୍ତ, ଅନିଲ ରାଉତ, ସୁରୁବାବୁ ପ୍ରଧାନ, ଭରତ ପ୍ରଧାନ, ଶ୍ରୀମତୀ ନିରୁପମା ପଟେଲ, କୁମକ୍ଷରୀ ରିଙ୍କି ଦଣ୍ଡସେନା, ଚମନଲାଲ ରାଉତ ଇତ୍ୟାଦି ସମସ୍ତ ଖେଳ ଶିକ୍ଷକମାନେ ଚୟନ ପ୍ରକ୍ରିୟାକୁ ସୁଚାରୁରୂପେ କାର୍ଯ୍ୟକାରୀ କରିଥିଲେ। ଚୟନ ପ୍ରକ୍ରିୟାରୁ ୧୬ ବର୍ଷରୁ କମ ବାଳକ ବିଭାଗରେ ୧୦ଟି ଦଳ ଓ ୧୬ବର୍ଷରୁ କମ ବାଳିକା ବିଭାଗରେ ୬ଟି ଦଳ ଚୟନ କରାଯିବ। ଏହି ଦଳ ମାନେ ଆଗାମୀ ଫାଇନାଲରେ ହେବାକୁ ଥିବା ସିଏମ୍ ଟ୍ରଫି କବାଡି ପ୍ରତିଯୋଗିତା ରେ ଭାଗ ନେବେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଠିକ ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ଚଳିତ ସିଏମ ଟ୍ରଫି କବାଡିରେ ଉଚ୍ଚତର ଖେଳ ପ୍ରଦର୍ଶନ କରି ଜିଲ୍ଲା ପାଇଁ ନିଶ୍ଚୟ ପ୍ରଶଂସା ଆଣିବେ।ଜିଲ୍ଲା କ୍ରୀଡା ଅଧିକାରୀ ଜିଲ୍ଲାର ସମସ୍ତ ରେଜିଷ୍ଟ୍ରୀଭୁକ୍ତ ଖୋ ଖୋ, ଫୁଟବଲ ଓ ଭଲିବଲ୍ ଖେଳାଳିଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ଅଳ୍ପ ଦିନ ମଧ୍ୟରେ ଅନ୍ୟ ତିନିଟି ଖେଳର ଚୟନ ପ୍ରକ୍ରିୟା ଆରମ୍ଭ ହେବ। ସେଥିପାଇଁ ରେଜିଷ୍ଟ୍ରିଭୁକ୍ତ ଖେଳାଳିମାନେ ପ୍ରସ୍ତୁତ ହୋଇ ରହିବାକୁ ଅନୁରୋଧ କରିଛନ୍ତି।

# ଜୁନାଗଡ଼ ମହୋତ୍ସବ ଉଦ୍ଯାପିତ

**ଜୁନାଗଡ଼, ୭ ।୨(ସମିସ):** ଜୁନାଗଡ଼ରେ ତିନିଦିନ ଧରି ଚାଲିଥିବା ଜୁନାଗଡ଼ ମହୋତ୍ସବ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ମହୋତ୍ସବରେ ଜୁନାଗଡ଼ ଏକତା ଦେଖାଇଥାଏ। ଯିଏ ଯେଉଁ ଦଳର ଥିଲେ ମଧ୍ୟ ଜୁନାଗଡ଼ର ବିକାଶ ପାଇଁ ସମସ୍ତେ ଏକ ହୋଇ ଛିଡା ହୁଅନ୍ତି। ଜୁନାଗଡ଼ ମହୋତ୍ସବ ଏକ ଉତ୍ସବ ନୁହେଁ, ଏହି ଉତ୍ସବ ମଧ୍ୟରେ




ଜୁନାଗଡ଼ର କଳା, ସଂସ୍କୃତି, ପରମ୍ପରାକୁ ଆଗାମୀ ପିଢ଼ି କିଭଳି ଆଗକୁ ନେବ ମହୋତ୍ସବର ମୁଖ୍ୟ ଭୂମିକା ବୋଲି ମୁଖ୍ୟଅତିଥି କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଜୁନାଗଡ଼ ମହୋତ୍ସବ କମିଟିର ଅଧ୍ୟକ୍ଷ ଦୁର୍ଗାପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ଡ଼ଃ ଉମେଶ ଚନ୍ଦ୍ର ସତପଥୀ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, କଳାହାଣ୍ଡି ଡିଏଫଓ ପ୍ରଭାକର ବର୍ମା, ଜିଲ୍ଲାପରିଷଦ ଉପାଧ୍ୟକ୍ଷ୍ୟା ସବିତା ମେହେର, ବିସିସି ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା, କଳାହାଣ୍ଡି ଡିସିଓ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ପୂର୍ବ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ଜିଲ୍ଲାପରିଷଦ ସଭ୍ୟ ସଙ୍ଗୀତା ଖରସେଲ, ଜୁନାଗଡ଼ ବ୍ଲକ ଅଧ୍ୟକ୍ଷ୍ୟା ସବିତା ମେହେର, ଏନ୍ଏସି ଅଧ୍ୟକ୍ଷ୍ୟା ହିମାଦ୍ରୀ ନାଏକ, ଜୁନାଗଡ଼ ବ୍ଲକ ସରପଞ୍ଚ ସଂଘ ସଭାପତି ତାରାଶଙ୍କର ରାୟଗୁରୁ, ଜୁନାଗଡ଼ ମହୋତ୍ସବ କମିଟିର ଉପସଭାପତି ଆଶିଷ ଗୋଏଲ, ସନ୍ତୋଷ ସାହୁ, କାଉନସିଲର ଗୋପାଳ ଚନ୍ଦନ, ସଚିନ ଆଦାନି, କାହ୍ନୁ ବୈଠାରୁ, ହିମାଦ୍ରୀ ସିନ୍ଦୁର, ପୁଷ୍ପାଞ୍ଜଳି ଦଣ୍ଡସେନା, ମାଧବୀ ବାଗ, ମଞ୍ଜୁଲତା ସେଠି, କୁନି ଶବର, ଭୂପେନ୍ଦ୍ର ଦଣ୍ଡସେନା, ମିନତୀ ମାଝୀ, ଚକ୍ରଧର ବାଗ ପ୍ରମୁଖ ଉଦବୋଧନ ଦେଇଥିଲେ। ଜୁନାଗଡ଼ ମହୋତ୍ସବ କମିଟିର ସମ୍ପାଦକ ହିମାଂଶୁ ଶେଖର ବରାଡ଼ ମଞ୍ଚ ପରିଚଳନା କରିଥିଲେ। ଭବାନୀପାଟଣାର ପ୍ରତିଭା ଅନୁଷ୍ଠାନ, ଜୁନାଗଡ଼ର କଳାବିକାଶ କେନ୍ଦ୍ର ଏବଂ ସମ୍ବଲପୁରରଉମାକାନ୍ତ ବାରିକ ଏବଂ ସାଥିଙ୍କ ଦ୍ୱାରା ସମ୍ବଲପୁରି ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ସାରା ରାତି ଦର୍ଶକଙ୍କୁ ବାନ୍ଧି ରଖିଥିଲା।

### ସାମାଜିକ ସୁରକ୍ଷା ଯୋଜନାର ସମୀକ୍ଷା

# ପ୍ରଥମ ଦିବ୍ୟାଙ୍ଗ ମିତ୍ର ଭାବେ ପିଲାଲାଲ ଜଗତ ସମ୍ମାନିତ

**ନୂଆପଡ଼ା, ୭ ।୨(ସମିସ)**

ନୂଆପଡ଼ା ଜିଲ୍ଲାରେ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ଦିବ୍ୟାଙ୍ଗଙ୍କ ପାଇଁ ଦିନଟିଏ ଓ ବିଧବା ସହାୟତା ଯୋଜନାରେ କଣ ଅଗ୍ରଗତି ହୋଇଛି ଜିଲ୍ଲାପାଳ ଜାଣିବାକୁ ଚାହିଁଥିଲେ। ସମୀକ୍ଷାରୁ ଜିଲ୍ଲାରେ ମଧୁବାବୁ ପେନସନ ଯୋଜନାରେ ୬୧, ୩୬୧ ଜଣ ଏବଂ ଜାତୀୟ ପେନସନ ଯୋଜନାରେ ୪୯, ୪୧୮ ଜଣ ହିତାଧୀକାରୀ ସୁବିଧା ପାଉଥିବାରୁ ସରକାରୀ ତଥ୍ୟରୁ ପ୍ରକାଶ। ଭତ୍ତା ପାଇବା ପାଇଁ ଆବେଦନ କରିଥିବା ୧୯୨ ଜଣଙ୍କ ମଧ୍ୟରୁ ୧୫୭ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦିଆଯାଇଛି। ଭିନ୍ନକ୍ଷମ ୫୬ ଜଣ ଦମ୍ପତ୍ତିଙ୍କୁ ଗତବର୍ଷ ଦୁଇ ଲକ୍ଷ ପଚାଶ ହଜାର ଟଙ୍କା ହିସାବରେ ମୋଟ ଏକ କୋଟି ୪୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ୪୧ ଜଣ ଭିନ୍ନକ୍ଷମ ପରିବାରର ଛାତ୍ର ଛାତ୍ରୀଙ୍କୁ ୧୨, ୨୩, ୫୧୦ ଟଙ୍କା



ବୃତ୍ତି ଦିଆଯାଇଛି। ବାଣୀଶ୍ରୀ ଯୋଜନାରେ ୪୬୨ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ବୃତ୍ତି ପାଇଁ ଆବେଦନ କରିଛନ୍ତି।ଜିଲ୍ଲାରେ ୧୦୪ ଜଣ ତୃତୀୟ ଲିଙ୍ଗୀଙ୍କୁ ଚିହ୍ନଟ କରି ୭୧ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ବିଧବା ସହାୟତା ଯୋଜନା ପାଇଁ ଜିଲ୍ଲାରେ ୧୮, ୯୩୨ ଜଣଙ୍କୁ ଚିହ୍ନଟ କରା ଯାଇଛି। ଜିଲ୍ଲାପାଳ ଉପସ୍ଥିତ ଅଧିକାରୀଙ୍କୁ ଜିଲ୍ଲାରେ ଖୁବ୍ ଶୀଘ୍ର ବିଧବା ଓ ଭିନ୍ନକ୍ଷମଙ୍କ ଏକ ଡାଟା ବେସ ତିଆରି ହେବ ବୋଲି କହିଥିଲେ।ଏହାଦ୍ୱାରା ସେମାନଙ୍କୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାର ସମସ୍ତ ଲାଭ ପହଞ୍ଚାଇ ଦିଆଯିବ। ଏହି ଅବସରରେ ନୂଆପଡ଼ା ଜିଲ୍ଲାରେ ଆରମ୍ଭ ହୋଇଥିବା ' ଦିବ୍ୟାଙ୍ଗ ମିତ୍ର ପୁରସ୍କାର ' ପ୍ରଥମ ଥର ପାଇଁ ପିଲାଲାଲ ଜଗତ, ଗ୍ରାମ ହଳଦୀ, ଡୁମରପାଣି ପଞ୍ଚାୟତଙ୍କୁ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଦିବ୍ୟାଙ୍ଗ ଜନଙ୍କ ସାମାଜିକ ସଶକ୍ତିକରଣ, ମର୍ଯ୍ୟାଦା ଓ ସମାବେଶ ନିମନ୍ତେ ତାଙ୍କର ଅସାଧାରଣ ନିଷ୍ଠା, ସମର୍ପଣ ଓ ମାନବିକ ସେବା ପାଇଁ ଏହି ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି। ସିନାପାଲି ବ୍ଲକ ସାଗୁନବାଡି ଗ୍ରାମର ଭିନ୍ନକ୍ଷମ ଛାତ୍ର ଖଗେଶ୍ୱର ତୋଲତିଆଙ୍କୁ ଜିଲ୍ଲାପାଳ ଲାପ୍ ଟପ୍ ପ୍ରଦାନ କରିଥିଲେ। ବୈଠକରେ ଉପଜିଲ୍ଲାପାଳ ସୁର୍ମୀ ସୋରେନ୍, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତି ରେଖା ନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ବିଭାଗୀୟ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଫାଇଲେରିଆ ମୁକ୍ତ ଜିଲ୍ଲା ପଥେ ବଲାଙ୍ଗିର

# ସଫଳ ହେଲା ପୂର୍ବ ସରକାରଙ୍କ ଉଦ୍ୟମ

**ବଲାଙ୍ଗିର,୭।୨(ସମିସ)**

ବଲାଙ୍ଗିର ଜିଲ୍ଲାରେ ଫାଇଲେରିଆ ନିରାକରଣ ଦିଗରେ ସ୍ୱାସ୍ଥ୍ୟ ବିଭାଗକୁ ସଫଳତା ମିଳିଛି। ଏକଦା ଜିଲ୍ଲାରେ ଫ୍ୟାଲେରିଆ ରୋଗ ସତର୍କ ଘଣ୍ଟି ବଜାଇଥିଲା। ଆଜି ସେହି ସତର୍କକୁ ହରାଇବାରେ ସଫଳତା ମିଳିଛି। ୨୦୨୩ରେ ଆରମ୍ଭ ଫାଇଲେରିଆ ନିରାକରଣ ଅଭିଯାନ ହୋଇଥିଲା। ଏହା ଫାଇଲେରିଆ ରୋଗକୁ ପ୍ରତିହତ କରିବାରେ ସହାୟକ ହୋଇଛି। ତତ୍କାଳୀନ ବିଜେଡି ସରକାର ସମୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବଲାଙ୍ଗିର ଜିଲ୍ଲାରେ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ କରାଯାଇଥିଲା। ଏହା ହିଁ ଏହି ଏହି ସଫଳତା ପଛରେ ଏକ ଅସ୍ତ୍ର ଭଳି କାମ କରିଛି। ୨୦୨୩ରେ ଜିଲ୍ଲାର ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୨୦୨୬ ବେଳକୁ ତାହା କେବଳ ୩ଟି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କରାଯିବ ବୋଲି ଜଣାପଡିଛି। ଆସନ୍ତା ୧୦ ତାରିଖରେ ଏହା ଆରମ୍ଭ ହେବ।

ଦାଦନ ପ୍ରବଣ ଜିଲ୍ଲା ବଲାଙ୍ଗିରରେ ଅନେକ ସମୟରେ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ୨୦୨୩ ମସିହା ପୂର୍ବରୁ ହୋଇଥିବା ଏକ ସର୍ଭେରେ ବଲାଙ୍ଗିର ଜିଲ୍ଲାରେ ଫ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦେଖିବାକୁ

- ସଞ୍ଜିବନୀ ସାଜିଲା ସମୂହ ଔଷଧ ସେବନ ଅଭିଯାନ
- ୨୦୨୩ରୁ ଜିଲ୍ଲାରେ ସମୂହ ଔଷଧ ସେବନ ଅଭିଯାନ ଆରମ୍ଭ ହୋଇଥିଲା
- ୨୦୨୩ରେ ଥିଲେ ୧୯୩ ଆକ୍ରାନ୍ତ, ଚଳିତ ବର୍ଷ ମାତ୍ର ୧୦ ଆକ୍ରାନ୍ତ
- ୧୬ ସିଏଚସିରୁ ଆରମ୍ଭ ହୋଇଥିଲା, ଚଳିତ ବର୍ଷ ୩ ସିଏଚସିରେ କାର୍ଯ୍ୟକ୍ରମ



ମିଳିଥିଲା। ଏହି ସର୍ଭେ ଅନୁସାରେ ବଲାଙ୍ଗିର ଜିଲ୍ଲା ରେଡ୍ ଜୋନ୍‌ରେ ଥିଲା। ୨୦୨୩ରେ ପ୍ରଥମ ଥର ପାଇଁ ତତ୍କାଳୀନ ବିଜେଡି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନେତୃତ୍ୱରେ ଜିଲ୍ଲାରେ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହା ପୂର୍ବରୁ ରାତ୍ରିକାଳୀନ ରକ୍ତ ନମୁନା ପରୀକ୍ଷା ଅନୁସାରେ ଏହି କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଫାଇଲେରିଆ ପୋଜିଟିଭ ରୋଗୀ ନ ଥିବା ଖୋଲାନ, ସିନ୍ଧେକେଲା, ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଟିଟିଲାଗଡ ଏସଡିଏଚକୁ ଏହି କାର୍ଯ୍ୟକ୍ରମରୁ ବାଦ ଦିଆଯାଇଥିଲା। କାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଫାଇଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ନ ଥିଲା। ଏହି କ୍ରମରେ ପ୍ରଥମ ବର୍ଷ ଲୋଇସିଂହା, ଆଗଲପୁର, ଜାମଗାଁ, ଗୁଡଭେଲା, ଖପ୍ରାଖୋଲ, ଘସିଏନ, ଦେଓଗାଁ, ବେଲପଡା, ତୁରେକଲା, ସଇଁନ୍ତଲା ସିଏଚସି, ବଲାଙ୍ଗିର ଶାସ୍ତ୍ରୀନଗର ଓ କନ୍ଦପାଲିପଡା ୟୁପିଏଚସି, ପାଟଣାଗଡ ଏସଡିଏଚ ଅଧୀନରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପ୍ରଥମ ବର୍ଷ ଅଞ୍ଚଳର ବୟସ୍କ, ଗର୍ଭବତୀ ମହିଳା, ନବଜାତକ ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିବା ରୋଗୀଙ୍କୁ ଛାଡି ସମସ୍ତଙ୍କୁ ଘର ଘର ବୁଲି ଏହି ଔଷଧ ସେବନ ପାଇଁ ବଣ୍ଟନ କରାଯାଇଥିଲା। ୨୦୨୩ରେ ଜିଲ୍ଲାରେ ୧୯୩ ଫାଇଲେରିଆ ରୋଗୀ ରହିଥିଲେ। ଏହି ସମୟରେ ରୋଗୀଙ୍କୁ ଡିଇସି ଓ ଆଲବେଣ୍ଡାଜୋଲ ଔଷଧ ଦିଆଯାଇଥିଲା। ୨୦୨୪ ବେଳକୁ ଏହି ଦୁଇ ଔଷଧ ସହ ଆଇବରମେଟ୍ରିନ ଟାବଲେଟ ମିଶାଇ ତିନୋଟି ଟାବଲେଟ ବଣ୍ଟନ କରାଯାଇଥିଲା। ୧୬ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଚିହ୍ନଟ ହୋଇଥିବା ଲୋକଙ୍କୁ ଔଷଧ ସେବନ ପାଇଁ ବଣ୍ଟନ କରାଯାଇଥଲା। ପ୍ରାୟ ୯୦ ପ୍ରତିଶତ ଲୋକ ଏହାକୁ ସେବନ କରିଥିଲେ। ୨୦୨୪ ଅଭିଯାନ ସମୟରେ ଜିଲ୍ଲାରେ ରୋଗୀ ସଂଖ୍ୟା କମି ୭୯ରେ ପହଞ୍ଚିଥିଲା। ୨୦୨୫ ବେଳକୁ ଜିଲ୍ଲାରେ ୫୧ ରୋଗୀ ଥିଲେ। ଏହି ବର୍ଷ ପ୍ରାୟ ୧୧ ଲକ୍ଷ ୬୦ ହଜାର ଲୋକଙ୍କୁ ଏହି ଔଷଧ ବଣ୍ଟନ କରାଯାଇଥିଲା। ଲୋକେ ସେବନ କରିବା ପରେ ୨୦୨୬ ବେଳକୁ ରୋଗୀ ସଂଖ୍ୟା ୧୦ରେ ପହଞ୍ଚିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଜିଲ୍ଲାରେ ଥିବା ୪ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଛାଡି ପ୍ରାୟ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଏହି ସମୂହ ଔଷଧ ବଣ୍ଟନ କାର୍ଯ୍ୟକ୍ରମ କରାଯାଉଥିଲା। ଚଳିତ ବର୍ଷ ତାହା କେବଳ ୩ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ହେବ। ଆଗଲପୁର ସିଏଚସି, ବଲାଙ୍ଗିର ପୌରାଞ୍ଚଳରେ ଥିବା ଶାସ୍ତ୍ରୀନଗର ଓ କନ୍ଦପାଲିପଡା ସିଏଚସି ଅଧୀନରେ ଏହି କାର୍ଯ୍ୟକ୍ରମ କରାଯିବ। ଅନ୍ୟ ସବୁ ଅଞ୍ଚଳରେ ଫ୍ୟାଲେରିଆ ନିରାକରଣ ହୋଇସାରିଛି। ଏହା ଜିଲ୍ଲା ପାଇଁ ଏକ ଖୁସିର ଖବର ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏଥିପାଇଁ କେବଳ ସମୂହ ଔଷଧ ବଣ୍ଟନ ଅଭିଯାନ ହିଁ ସହାୟକ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଏହା ଆସନ୍ତା ୧୦ ତାରିଖରେ ଏହା ଅନୁଷ୍ଠିତ ହେବ। ଆସନ୍ତା ବର୍ଷ ଜିଲ୍ଲା ଫ୍ୟାଲେରିଆ ମୁକ୍ତ ହେବ ବୋଲି ବିଭାଗ ଆଶା ରଖିଛି।

## ● ଗୁରୁଣ୍ଡା ପ୍ରାଥମିକ ବିଦ୍ୟାଳୟ

# ଶ୍ରେଣୀ କୋଠରୀରେ ଚାଉଳ ବସ୍ତା



**ମୁରିବାହାଲ, ୭ ।୨(ସମିସ):** ବଲାଙ୍ଗିର ଜିଲ୍ଲାର ମୁରିବାହାଲ ବ୍ଲକ୍ ଗୁରୁଣ୍ଡା ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ଦେଇ ଗତି କରୁଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଥିବା ବେଳେ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଘର ମଧ ରହିଛି କିନ୍ତୁ ପ୍ରଧାନ ଶିକ୍ଷକ ଭୁମନ୍ୟୁ ବାଗଙ୍କ ମନମାନି ଯୋଗୁଁ ମଧ୍ୟାହ୍ନ ଭୋଜନ ପାଇଁ ରଖିଥିବା ଚାଉଳ,ଡାଲିକୁ ରୋଷେଇ ଗୃହରେ ପର୍ଯ୍ୟାପ୍ତ ଜାଗା ଥିବା ସତ୍ତ୍ୱେ ସେଠି ନ ରଖି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଶ୍ରେଣୀ କୋଠରୀରେ ରଖୁଛନ୍ତି। ଯଦ୍ୱାରାକି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଭୟ ରହୁଛି।୫୦ କେଜି ବିଶିଷ୍ଟ ଚାଉଳ ଅଖା କୁନିକୁନି ଶିଶୁଙ୍କ ପାଖେ ରହୁଥିବାରୁ କେତେବେଳେ ଅଘଟଣ ଘଟିବ ଓ ସାପ କିମ୍ବା ଅନ୍ୟ ବିଷାକ୍ତ ସରୀସୃପର ଭୟ ରହୁଛି ବୋଲି ଚିନ୍ତାରେ ଅଭିଭାବକ ଅଭିଯୋଗ କରିଛନ୍ତି। ନିକଟରେ ତୁରେକେଲା ବ୍ଲକରେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ଚିତ୍ର ମନରୁ ନ ଲିଭୁଣୁ ବିଦ୍ୟାଳୟରେ ଛାତ୍ରଛାତ୍ରୀ କେତେ ସୁରକ୍ଷିତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପଟେ ଶିକ୍ଷା ବିଭାଗର ଜିଲ୍ଲା କିମ୍ବା ବ୍ଲକ୍ ଅଧିକାରୀ ବିଦ୍ୟାଳୟମାନଙ୍କୁ ନିୟମିତ ପରିଦର୍ଶନ କରୁ ନ ଥିବାରୁ ଓ ସିଆରସିସିଙ୍କ ଉପରେ ପରିଦର୍ଶନ କାର୍ଯ୍ୟ ନ୍ୟସ୍ତ କରିଥିବାରୁ ବିଦ୍ୟାଳୟ ମାନଙ୍କରେ ଏଭଳି ଅବ୍ୟବସ୍ଥା ପରିଲକ୍ଷିତ ହେଉଛି ବୋଲି ଅଭିଯୋଗ ହେଉଛି। ପ୍ରଧାନଶିକ୍ଷକ ଭୁମନ୍ୟୁ ବାଗକୁ ପଚାରିବାରୁ କୋଠରୀ ନ ଥିବାରୁ ରଖୁଛୁ ବୋଲି କହିଛନ୍ତି।ବିଇଓ ଶାନ୍ତନୁ ପଡ଼ିଆରୀଙ୍କୁ ଫୋନ କରିବାରୁ ଫୋନ ଉଠାଇ ନ ଥିଲେ। ଶିକ୍ଷା ବିଭାଗର ଢିଲା ବ୍ୟବସ୍ଥା ଯୋଗୁ ଅନେକ ଜାଗାରେ ଅନେକ ସମସ୍ୟା ଲାଗିରହିଛି।କିଛି ବଡ଼ ଅଘଟଣ ଘଟିବା ପୂର୍ବରୁ ସମସ୍ୟାର ସମାଧାନ କରିବା ପାଇଁ ଅଭିଭାବକ ଦାବି କରିଛନ୍ତି।

## ଜରାସିଂହା ନେତ୍ରଭାନୁ ହାଇସ୍କୁଲ ପ୍ଲାଟିନମ ଜୁବୁଲିର ତୃତୀୟ ଦିବସ

# ଛାତ୍ର ସଂସ୍କାରିତ ହେଲେ ବିକଶିତ ସମାଜ ଗଠନ ସମ୍ଭବ





**ଦେଓଗାଁ,୭।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଜରାସିଂହା ନେତ୍ରଭାନୁ ହାଇସ୍କୁଲର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ ଜୁବୁଲି କାର୍ଯ୍ୟକ୍ରମ ଜାରି ରହିଛି। ଶନିବାର ତୃତୀୟ ଦିବସରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ବରିଷ୍ଠ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, ହାସ୍ୟକବି ରସରାଜ ଅଚ୍ୟୁତ ପୁରୋହିତ, ସ୍ଥାନୀୟ ସରପଞ୍ଚ କୁଶମଣୀ ମେହେର, ସମିତିସଭ୍ୟ ଅମିତ ତ୍ରିପାଠୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ଦଣ୍ଡସେନା, ସ୍କୁଲ ପରିଚାଳନା କମିଟି ସଭାପତି ମମତା ସୁନା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କେବଳ ଶିକ୍ଷା ନୁହଁ; ବରଂ ଛାତ୍ରଛାତ୍ରୀ ସଂସ୍କାରିତ ହେଲେ ଯାଇ ଏକ ବିକଶିତ ସମାଜ ଗଠନ ସମ୍ଭବପର ବୋଲି ଅତିଥିବୃନ୍ଦ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ତଥା ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା ଶଙ୍କର ପ୍ରସାଦ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିଲୀପ ପୁଟେଲଙ୍କ ସଂଯୋଜନାରେ ସ୍ଥାନୀୟ ହାଇସ୍କୁଲ ଓ ଶିଶୁମନ୍ଦିର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ଦେଓଗାଁ ବୁଢ଼ାଡଙ୍ଗର କଲୋନୀର କଳାକାରଙ୍କ ଦ୍ୱାରା ପାରମ୍ପାରିକ ଲୋକକଳା ପରିବେଷିତ ହୋଇଥିଲା। ବଲାଙ୍ଗିରର ସଂଜ୍ୟୋତ କଳାକେନ୍ଦ୍ର, ଖୁସୀ ଡ୍ୟାନ୍ସଗ୍ରୁପ କଳାକାର ମଧ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କେସିଙ୍ଗାର ଘୁମୁରାନୃତ୍ୟ ଓ ହାତୀସରା ବେନାର ମୁହୁରିଆ କଳାପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଅପରାହ୍ନରେ ନେତ୍ରଭାନୁ ହାଇସ୍କୁଲର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ଲକ୍ଷ୍ମଣ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ହାଇସ୍କୁଲର ପୁରାତନ ଶିକ୍ଷକ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସାନାତନ ଠାକୁର ଓ ନରସିଂହ ଦଣ୍ଡସେନା ପ୍ରମୁଖ ଯୋଗ ଦେଇଥିଲେ।

## ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

# କ୍ରୀଡ଼ା ମାନସିକ ଓ ଶାରୀରିକ ବିକାଶର ମୂଳ ଆଧାର



**ବଲାଙ୍ଗିର,୭ ।୨(ସମିସ):** ସ୍ଥାନୀୟ ଗାନ୍ଧୀନଗରପଡାସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ନିଜସ୍ୱ ମିନି ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ଏଡିଇଓ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ମୁଖ୍ୟ ବକ୍ତା ଭାବେ ଏଡିଇଓ ପ୍ରବୀର ପଣ୍ଡା, ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା, ଯୁବ ସମାଜସେବୀ ଆକାଶ ସାଗର, ମନୋଜ କୁମ୍ଭାର, ବରିଷ୍ଠ ଶିକ୍ଷୟିତ୍ରୀ ଯାଜ୍ଞସିନୀ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅର୍ଜୁନ ଦାଶ ମଞ୍ଚାସୀନ ଥିଲେ।

ମୁଖ୍ୟ ଅତିଥି ଶ୍ରୀମତୀ ସାହୁ ନିଜ ବକ୍ତବ୍ୟରେ କ୍ରୀଡା ମାନସିକ ଓ ଶାରୀରିକ ବିକାଶର ମୂଳ ଆଧାର ବୋଲି କହିଥିଲେ। ଏହାସହ କ୍ରୀଡା ମାଧ୍ୟମରେ ସହଯୋଗ ଓ ନେତୃତ୍ୱ ଗୁଣ ବିକାଶ ପାଉଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ ପାଠ ପଢା ସହ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେବାକୁ କହିଥିଲେ। ଏହାସହ କ୍ରୀଡା ଜୀବନରେ ଶୃଙ୍ଖଳା, ସମୟ ପରିଚାଳନା ଓ ଦଳୀୟ ଭାବନା ଗଢିଥାଏ ବୋଲି କହିଥିଲେ। ଶିକ୍ଷକ ସୁରେଶ ବାରିକ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ସବିତା ମିଶ୍ର ଧନ୍ୟବାଦ ଦେଇଥିଲେ। କନିଷ୍ଠ ବିଭାଗରେ ସପ୍ତମ ଶ୍ରେଣୀ ଛାତ୍ରୀ ସୋମାଲିକା ପଟ୍ଟନାୟକ ଓ ବରିଷ୍ଠ ବିଭାଗରେ ଦଶମ ଶ୍ରେଣୀ ଛାତ୍ରୀ ଅର୍ପିତା ମହାକୁରଙ୍କୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ଖେଳ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବେହେରା, ତାରାକାନ୍ତି ସାଏ, ସସ୍ମିତା ମିଶ୍ର ଓ ସୁଜାତା ମଲ୍ଲିକ ଖେଳ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଧାରାଶ୍ରୀ ଧୀମୟୀ ବେହେରା, ପ୍ରଜ୍ଞା ପରମିତା ବଘାର, ଲିଜା ସାହୁ, ଜସ୍ମିନ ସାହୁ, ସଂଗୀତା ସାହୁ, ଶିକ୍ଷକ ହରି ଖେତୀ ପ୍ରମୁଖ ସହଯୋଗ କରିଥିଲେ।

# ଲେବଡ଼ା ପିଏମ୍‌ଶ୍ରୀ ପାଟଣେଶ୍ୱରୀ ସରକାରୀ ଉଚ୍ଚ ମଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ମୁରିବାହାଲ,୭ ।୨(ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଲେବଡା ପିଏମଶ୍ରୀ ପାଟଣେଶ୍ୱରୀ ସରକାରୀ ଉଚ୍ଚ ମଧ୍ୟମିକ ବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଭାଜପା ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛତ୍ରୀଛାତ୍ରୀ ଭଲ ମଣିଷ ହେବାକୁ ହେଲେ ଶିକ୍ଷା ସହ ନିଷ୍ଠା ଓ ସଂସ୍କାର ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନନିୟ ଅତିଥି ଭାବେ ମୁରିବାହାଲ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ କୈଳାଶ ଭୋଇ, ସିଆରସିସି ପଦ୍ମଲୋଚନ ତାଣ୍ଡି, ପୂର୍ବତନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଞ୍ଜିତି ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡମ୍ବରୁଧର ମାଝୀ, ଲେବଡା ସରପଞ୍ଚ ଦମୟନ୍ତୀ ହାତୀ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଉମେଶ ଦାସ ଯୋଗ ଦେଇ ଆଧୁନିକ ଯୁଗରେ ଶିକ୍ଷାର ଆବଶ୍ୟକତା ଉପରେ କହିଥିଲେ। ଦୁତିବାହନ ମୁନା ସଭାପତିତ୍ୱ କରିଥିଲେ। ଶିକ୍ଷକ ତୋଷ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା କର୍ମଶାଳା

**ମୁରିବାହାଲ,୭ ।୨(ସମିସ):** ମୁରିବାହାଲ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଦକ୍ଷତା ଓ ବିକାଶ ଓ ପ୍ରଶିକ୍ଷଣ ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ଉଦ୍ୟାନ ବିଭାଗ ତରଫରୁ



ଆୟୋଜିତ ଏହି କର୍ମଶାଳାକୁ ମୁରିବାହାଲ ସହକାରୀ ଉଦ୍ୟାନ କୃଷି ଅଧିକାରୀ ମନବୋଧ ମାଝୀ ସଭାପତିତ୍ୱ କରିଥିଲେ। ଭାଜପା ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କର୍ମଶଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଗଙ୍ଗାଧର ହେର୍ଣ୍ଣା, ଟିଟିଲାଗଡ଼ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ରାକେଶ ମିଶ୍ର, ଆଶାର ପୂର୍ବତନ ଅଧ୍ୟକ୍ଷ ସୁରେଶ ଭୋଇ, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ମୁରିବାହାଲ ମଣ୍ଡଳ ସଭାପତି ରାମୁ କୁମ୍ଭାର, ଓଏଲ କମ୍ପାନୀର ଅଧିକାରୀ ଶମ୍ଭୁ ସ୍ୱାଇଁ, ଭଗୀରଥି ଯୁଆଡି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯଶୋବନ୍ତ ଭୋଇ, ରଘୁନାଥ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ।

# ବିଜ୍ଞାନ ଓ ଗଣିତ ସର୍କଲ୍ କାର୍ଯ୍ୟକ୍ରମ



**ବେଲପଡ଼ା,୭ ।୨(ସମିସ):** ବେଲପଡ଼ାସ୍ଥିତ ପିଏମ୍ ଶ୍ରୀ ସରକାରୀ ନୋଡାଲ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ସର୍କଲ୍ ଓ ଗଣିତ ସର୍କଲ୍‌ର ଦୁଇଦିନିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ଅଶୋକ ମେହେର ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱମ୍ବର ବୁଡେକ ଅଧ୍ୟକ୍ଷତା କରିଥିଲେ। ବିଚାରକ ଭାବେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଭକ୍ତବନ୍ଧୁ ବାଗ ଦାୟିତ୍ୱ ନିର୍ବାହ କରିଥିଲେ।

## ● ମା'ବସ୍ତ୍ରେନ ମାଉଲି ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

# ପ୍ରଥମ ଦିନରେ ଘୁଷୁରାମୁଣ୍ଡା ବିଜୟୀ



**ମୁରିବାହାଲ, ୭ ।୨(ସମିସ )** ମୁରିବାହାଲ ବ୍ଲକ ଗଁରେଇ ପଞ୍ଚାୟତ ର ଡୁଡୁଗାପଡ଼ା ଖେଳ ପଡିଆରେ ମାଲପଡା ଗ୍ରାମବାସୀଙ୍କ ଆନୁକୂଲ୍ୟରେ ମା' ବସ୍ତ୍ରେନ ମାଉଲି ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅଥିତି ରୂପେ ଗଁରେଇ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ଡୋଳାମାଣୀ ଛୁରା ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଗଁରେଇ ଗ୍ରାମର ୱାର୍ଡମେମ୍ବର ନେପାଳ ସାହୁ ଏବଂ ମାଲପଡା ଗ୍ରାମର ୱାର୍ଡମେମ୍ବର ଗୋପବନ୍ଧୁ ପୁଟେଲ ପ୍ରମୁଖ ମଞ୍ଚାସିନ ଥିଲେ। ୧୬ଦଳ ବିଶିଷ୍ଟ ପ୍ରତିଯୋଗିତାରେ ପ୍ରଥମ ମ୍ୟାଚ୍‌ରେ ଘୁଷୁରାମୁଣ୍ଡା ଏବଂ ନାରେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଘୁଷୁରାମୁଣ୍ଡା ଟ୍ରାଇବ୍ରେକରେ ବିଜୟୀ ହୋଇଥିଲା। ବୁଲୁ ମାଝୀ ଖେଳପରିଚାଳନା କରିଥିବାବେଳେ, ସାନ ମାଝୀ,ଚୌଧର ଭୋଇ ଲାଇନ ମ୍ୟାନ କାର୍ଯ୍ୟ ତୁଲାଇଥିଲେ। ମାଲପଡା ଗ୍ରାମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କନ୍ଦେଇ ପଞ୍ଚାୟତ ଏବେ ଦୁର୍ନୀତି ଗନ୍ତାଘର

# ୬ ମାସ ପୂରିନି; ଫାଟିଗଲାଣି ରାସ୍ତା

**ତୁରେକେଲା,୭ ।୨(ସମିସ):**

ରାଜ୍ୟ ସରକାର ବିକାଶ ନାଁରେ ଡିଣ୍ଡିମ ପିଟୁଛନ୍ତି। ଗ୍ରାମାଞ୍ଚଳର ବିକାଶ ଆଳରେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଉଠୁଛି; କିନ୍ତୁ ନିମ୍ନମାନର କାମ କରି ଟଙ୍କା ହଡ଼ପ କରାଯାଉଛି। ୬ମାସ ପୂରିବା ପୂର୍ବରୁ ରାସ୍ତା ଭାଙ୍ଗି ଯାଉଛି। ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ କନ୍ଦେଇ ପଞ୍ଚାୟତର କନ୍ଦେଇରେ ଏହିଭଳି ଚିତ୍ର ଦେଖିବାକୁ ମିଳିଛି।

ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ କନ୍ଦେଇ ଗାଁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବରଗଛ ଛକ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ବ୍ଲକ୍ ପ୍ରଶାସନ ତତ୍ତ୍ୱାବଧାନରେ କାମ ମଧ ହୋଇଥିଲା; କିନ୍ତୁ ନିମ୍ନମାନର କାମ ଯୋଗୁଁ ୬ମାସରେ ରାସ୍ତା ଭାଙ୍ଗି ଗଲାଣି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହିଭଳି ଅତି ନିମ୍ନମାନର କାମ କରାଯାଇ ସରକାରୀ ଅନୁଦାନ ହଡ଼ପ



କରାଯାଇଛି। କେବଳ ତାହା ନୁହେଁ; ଏଠାରେ ସରକାରୀ ନିୟମ ସମ୍ପୂର୍ଣ୍ଣ ଉଲ୍ଲଂଘନ କରି ନିର୍ମାଣ କାର୍ଯ୍ୟ କରାଯାଇଛି। ସରକାରୀ ନିୟମ ଅନୁସାରେ ପଞ୍ଚାୟତ କାର୍ଯ୍ୟାଳୟରୁ ବରଗଛ ଛକ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଟଙ୍କା ଆସିଥିଲା; କିନ୍ତୁ ସେହି ରାସ୍ତା ନିର୍ମାଣ ନ କରି ଅନ୍ୟ ସ୍ଥାନରେ ନିର୍ମାଣ କରାଯାଇଛି। ତାହା ପୁଣି ନିମ୍ନମାନର କାମ କରାଯାଇଛି। ତେବେ ଯେଉଁ କନିଷ୍ଠ ଯନ୍ତ୍ରୀ ସେହି



- ସୂଚନା ଫଳକ ଅନୁସାରେ ହୋଇନାହିଁ କାମ
- ସନ୍ଦେହ ଘେରରେ କନିଷ୍ଠ ଯନ୍ତ୍ରୀଙ୍କ ଭୂମିକା

ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି ସେ କ୍ଷେତ୍ର ପରିଦର୍ଶନ କରି ସରକାରୀ କାମ କରାଉଛନ୍ତି ନା କେବଳ ଠିକାଦାରଙ୍କ ସହ ସଲାସୁତରାରେ କାମ କରୁଛନ୍ତି ତାକୁ ନେଇ ଏବେ ବଡ଼ ପ୍ରଶ୍ନ ଉଠୁଛି। ଏହି ରାସ୍ତାରେ ପୂର୍ବରୁ ଯେଉଁ ରାସ୍ତା ନିର୍ମାଣ କରିବାର ଥିଲା ତାହା ନ କରି ନିୟମ ଉଲ୍ଲଂଘନ କରି ଅନ୍ୟତ୍ର ରାସ୍ତା ନିର୍ମାଣ କରାଯାଇଛି। ତାହା ପୁଣି ନିମ୍ନମାନର। ତେବେ ଯଦି ସରକାରଙ୍କ ଆଖିରେ ଧୂଳି ଦେଇ ଖୋଦ୍ ସରକାରୀ କର୍ମଚାରୀ ଦୁର୍ନୀତି କରିବେ ତେବେ ଅନ୍ୟମାନଙ୍କ କଥା କିଏ ପଚାରେ ବୋଲି ପ୍ରଶ୍ନ ଉଠୁଛି। ଏବେ ସାଧାରଣରେ ଗୋଟିଏ ଚର୍ଚ୍ଚା କନ୍ଦେଇ ପଞ୍ଚାୟତ ଦୁର୍ନୀତିର ଗନ୍ତା ଘର ପାଲଟିଛି। ଯେଉଁଠି ଦେଖିଲେ ଦୁର୍ନୀତି ଆଉ ଦୁର୍ନୀତି ବୋଲି ସ୍ଥାନୀୟ ବୃଦ୍ଧିଜୀବୀ କହିଛନ୍ତି। ଏହିଭଳି ସରକାରୀ ନିୟମ ଉଲ୍ଲଂଘନ କରି କନ୍ଦେଇ ପଞ୍ଚାୟତରେ ଅନେକ କାମ କରାଯାଇଛି ବୋଲି ସିଧାସଳଖ ଅଭିଯୋଗ ହେଉଛି।

# ଡବଲ ଇଞ୍ଜିନ ସରକାର ବିରୋଧରେ ଗର୍ଜିଲା ବିଜେଡି

ବୌଦ୍ଧ,୭ ।୨(ସମିସ)

ବୌଦ୍ଧରେ ଶନିବାର ବିଜୁ ଜନତା ଦଳ ଡବଲ ଇଞ୍ଜିନ ସରକାର ଉପରେ ଗର୍ଜିଛି । ବିଜେପି ସରକାରର ବିଫଳତା ବିରୋଧରେ ଦଳର ନେତାମାନେ ବର୍ଷିଥିଲେ । ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତା ଅଶୋକ ସାହୁ ସଭାପତିତ୍ୱ କରିଥିଲେ । ଏହି ପ୍ରତିବାଦ ସଭାରେ ବିଜୁ ଜନତା ଦଳର ବୌଦ୍ଧ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ପୂର୍ବତନ ବିଧାୟକ ମହୀଧର ରଣା, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ସାମାଜିକ ଗଣମାଧ୍ୟମ ସଂଯୋଜକ ଅବକାଶ ସାହୁ, ରାଧାବଲ୍ଲଭ ପ୍ରଧାନ, ଶ୍ରଦ୍ଧାଞ୍ଜଳି ବାରିକ ପ୍ରମୁଖ ବିଜେପି ସରକାର ବିରୋଧରେ ବକ୍ତବ୍ୟ ରଖିଥିଲେ । ବୌଦ୍ଧ ଜିଲ୍ଲାରେ ଚାଷୀ ଧାନବିକ୍ରି କ୍ଷେତ୍ରରେ




ହନ୍ତସନ୍ତ ହେଉଛି । ଧାନ କୁଇଣ୍ଟାଲ ପିଛା ୬୯ଟଙ୍କା ଲୁଟ୍ କରାଯାଉଛି । ବ୍ୟାପକ କଟନୀ ଛଟନୀ ହେଉଛି । ଦ୍ୱିତୀୟ ପର୍ଯ୍ୟାୟ ଟୋକନ ଆସିନି । ଏଣୁ ମଣ୍ଡିରେ ଦିନ ଦିନ ଧରି ଧାନ ପଡି ରହୁଛି । ଏହା ଫଳରେ ସମଗ୍ର ଜିଲ୍ଲାରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି । ଠିକ୍ ସେହିଭଳି ସମଗ୍ର ରାଜ୍ୟରେ ମହିଳା ଅତ୍ୟାଚାର ବଢ଼ି ଚାଲିଛି । ଆଇନଶୃଙ୍ଖଳା ପରିସ୍ଥିତିର ଦ୍ରୁତ ଅବନତି ଘଟିଛି । ପୂର୍ବ ସରକାର ଅମଳରେ ନିର୍ମିତ ବୌଦ୍ଧ ଡାକ୍ତରଖାନା ଗୃହ ଲୋକାର୍ପିତ ହେଉନି । ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ମଞ୍ଜୁର ହେଉନି । ସରକାରଙ୍କ ପ୍ରତିଶ୍ରୁତି ମୁତାବକ ୩୫୦୦ଟଙ୍କା ଭତ୍ତା ସମସ୍ତଙ୍କୁ ପ୍ରଦାନ କରାଯାଉନି । ହରଭଙ୍ଗା ବ୍ଲକରେ ପୂର୍ବ ସରକାର ଅମଳରେ ନିର୍ମାଣାଧୀନ ପିଇବା ପାଣି ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଉନି । ଏଭଳି ବିଭିନ୍ନ ସମସ୍ୟା ନେଇ ଦଳୀୟ ନେତା ସରକାରଙ୍କ ଉପରେ ବର୍ଷିଥିଲେ । ବୌଦ୍ଧ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ବାଧ୍ୟହୋଇ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଅନ୍ୟମାନଙ୍କ ମଧ୍ୟରେ ସୁବୋଧ ପ୍ରଧାନଲ ବିଦ୍ୟାଧର ସ୍ୱାଇଁ, ସୁମନ୍ତ ସାହୁ, ପ୍ରଭାତ ପ୍ରଧାନ, ଅଶ୍ୱିନୀ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ନିହାର ଘୋଷ, ଅଶୋକ ସେଠି, ଅରୁଣ ବାଘ, ବସନ୍ତ ସ୍ୱାଇଁ, ଅଶୋକ ମେଣ୍ଡୁଲି, ପ୍ରେମରାଜ ରଣା, କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ବାଳମୁକୁନ୍ଦ ମେହେର, ଶୈଳେନ୍ଦ୍ର ବାରିକ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

● ବାଇକ୍‌କୁ ଧକ୍କାଦେଲା ଅଟୋ

## ଆମ୍ବୁଲାନ୍ସ ଆସିଲାନି; ପୁଲିସ ଗାଡ଼ିରେ ବୁହାହେଲେ ୨ ଗୁରୁତର

ଶଗଡ଼ା,୭ ।୨(ସମିସ): ମନମୁଣ୍ଡା ଥାନା ସାନ ଝାଙ୍କରପାଲି ନିକଟରେ ଏକ ଅଟୋ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି । ଗୁରୁତର ମାନେ ହେଲେ ମନମୁଣ୍ଡା ଥାନା ଘରେଲ ମୁଣ୍ଡା ଗ୍ରାମର ବୈକୁଣ୍ଠ ନାଏକ ଓ ବାଉଁଶୁଣି ଥାନା ମନକାମନ ଗ୍ରାମର ମନୋଜ ପ୍ରଧାନ। ଶନିବାର ସନ୍ଧ୍ୟାରେ ବରଗୋଛା ପଟରୁ ଏକ ଅଟୋ ପାଲଝିର ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା । ଅଟୋ ଚାଳକ ଘଟଣାସ୍ଥଳରୁ ଫେରାର ମାରିଥିବାବେଳେ ବାଇକରେ ଥିବା ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ଜଣକ ଗୋଡ଼ ଆଣ୍ଠୁରୁ ତଳକୁ ଛିଣ୍ଡି ଯାଇଥିବାବେଳେ ଅନ୍ୟଜଣକର ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି । ସ୍ଥାନୀୟଲୋକ ଉଭୟ ଗୁରୁତରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଏକ ଘଣ୍ଟା ପରେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା । ଖବର ପାଇ ୧୧୨ ଓ ଶଗଡ଼ା ଫାଣ୍ଡି ପୁଲିସ ପହଞ୍ଚି ଗୁରୁତରଙ୍କୁ ମନମୁଣ୍ଡା ଡାକ୍ତରଖାନାକୁ ନେଇଥିଲେ ।

## ୩ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ

● ଖସିଗଲେ ମାଫିଆ



କଣ୍ଟାମାଳ,୭ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଧୀନ ସାଲେପାଲି ସଂରକ୍ଷିତ ଜଙ୍ଗଲରୁ ପୁଲିସ ବିପୁଳ ଗଞ୍ଜେଇ ଜବତ କରିଛି । ତେବେ ଏହି ଘଟଣାରେ ପୁଲିସ ଜଣକୁ ମଧ୍ୟ ଧରି ପାରିନି । ପୁଲିସକୁ ଗଞ୍ଜେଇ ମାଫିଆ ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି । ପୁଲିସ ଯେତିକି ଚାଲାକ ଗଞ୍ଜେଇ ମାଫିଆ ତାଠାରୁ ଅଧିକ ଚାଲକ ବୋଲି ପ୍ରମାଣ କରିଛନ୍ତି । ଘଟଣାସ୍ଥଳରୁ ପୁଲିସ କେବଳ ୩ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ କରି ସନ୍ତୁଷ୍ଟ ହେବା ସହ ବାହାବା ନେଉଛି । ଏଣୁ ପୁଲିସର ପାରିବା ପଣିଆ ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି । ସହଜେ ଜିଲ୍ଲାରେ ଗଞ୍ଜେଇ ଚୋରା କାରବାରରେ ମାଫିଆଙ୍କ ସହ କେତେକ ଅସାଧୁ ପୁଲିସ ଅଧିକାରୀ ତଥା କର୍ମଚାରୀଙ୍କ ହାତ ଥିବା ଲୋକେ ଅଭିଯୋଗ କରୁଛନ୍ତି । ତେବେ କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା । କଣ୍ଟାମାଳ ଥାନା ଅଧିକାରୀ ବସୁଦେବ ଭୋଇ, ଏସ୍‌ଆଇ ପ୍ରକାଶ ଭୋଇ, ଏଏସଆଇ ଅଭୟ ପ୍ରଧାନ, ହାବିଲଦାର ମାନସ ପ୍ରଧାନ ପ୍ରମୁଖ ଏହି ଚଢଉରେ ସାମିଲ ହୋଇଥିଲେ ।

## ଖେଳପଡ଼ିଆରୁ ୯,୪୫୦ ବୋତଲ କଫ ସିରପ ଜବତ

● ୨ ଗାଡ଼ି ଜବତ, ଜଣେ ଗିରଫ



ଡୁଙ୍ଗୁରିପାଲି,୭ ।୨(ସମିସ): ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଥାନା ପୁଲିସ ସାହାବାହାଲ କେନାଲ ଛକ ନିକଟ ଖେଳ ପଡିଆରୁ ଶନିବାର ବିପୁଳ ପରିମାଣ କଫ ସିରଫ ଜବତ କରିଛି । ଏହା ସହ ୨ଟି ଗାଡି ଜବତ କରିଛି । ଏହି ଘଟଣାରେ ବରଗଡ ଜିଲା ବରପାଲି ଥାନା ସତଲମା ଗ୍ରାମର ଗୁଲ୍‌ସନ ସାହୁ (୨୪)କୁ ଗିରଫ କରିଛି । ତେବେ ଘଟଣାସ୍ଥଳରୁ ୩/୪ ଜଣ ଯୁବକ ଫେରାର ହୋଇ ଯାଇଛନ୍ତି । ଏକ ପିକ୍‌ଅପ ଓ ଗୋଟିଏ କାର୍‌ରେ ବହୁ ପରିମାଣରେ କଫ ସିରପ ଭର୍ତ୍ତି ଥିବା ଦେଖି ପୁଲିସ ଜବତ କରିଥିଲା । ଖବର ପାଇ ଆଡିସନାଲ ଏସପି କେ. କେ. ହରି ପ୍ରସାଦ, ଏସଡିପିଓ ରେଣୁକା ସୁନା, ରାମପୁର ଅତିରିକ୍ତ ତହସିଲଦାର ରୋହିତ ବାଗ ପହଞ୍ଚିଥିଲେ । ପୁଲିସ ୨ଟି ଗାଡିରୁ ୯,୪୫୦ ବୋତଲ କଫ ସିରପ ଜବତ କରିଛି । ଜବତ କଫ ସିରପର ଆନୁମାନିକ ମୂଲ୍ୟ ୧୭ଲକ୍ଷ ୮୨ହଜାର ଟଙ୍କା ହେବ । ମାତ୍ର ଏହାର ବଜାର ମୂଲ୍ୟ ୪୫ ଲକ୍ଷ ବୋଲି ଥାନା ଅଧିକାରୀ ତୋଳାମଣୀ ନାଏକ କହିଛନ୍ତି ।

## ରମା ବାଇଙ୍କ ୧୨୮ ତମ ଜୟନ୍ତୀ

ଡୁଙ୍ଗୁରିପାଲି,୭ ।୨(ସମିସ): ଡୁଙ୍ଗୁରିପାଲି ବ୍ଲକ୍‌ସ୍ତରୀୟ ଲକ୍ଷେ ଘର ଗଣ୍ଡା ସମାଜ କାର୍ଯ୍ୟାଳୟରେ ରମା ବାଇଙ୍କ ୧୨୮ ତମ ଜୟନ୍ତୀ ପାଳିତ ହୋଇଛି । କୋଷାଧ୍ୟକ୍ଷ ସାନନ୍ଦ ତାଣ୍ଡି, ଲକ୍ଷେ ଘର ଗଣ୍ଡା ସମାଜର କାର୍ଯ୍ୟକାରୀ ସଭାପତି ଧୀମାନ କୃଷ୍ଣଚନ୍ଦ୍ର ବାଗ, ସମାଜର ବରିଷ୍ଠ ସଭ୍ୟ ଗଣେଶ ତାଣ୍ଡି, ସଙ୍ଘର ଉପଦେଷ୍ଟା ସୁନାରାମ ବାଗ, ରାଜକିଶୋର ତାଣ୍ଡି, କରୁଣାକର ତାଣ୍ଡି, ଦୁଃଖୁ ନାଗ, ଉତ୍ତମ ତାଣ୍ଡି, ଅସର୍ପି କୁମ୍ଭାର, ପ୍ରକାଶ କୁମ୍ଭାର, ଭୁବେନେଶ୍ୱର ନାଗ, କେଶବ ବାଗ, ଉପେନ୍ଦ୍ର କୁମ୍ଭାର, ଗୋବିନ୍ଦ କୁମ୍ଭାର, ରିଙ୍କୁ ବାଗ, ସାନନ୍ଦ ତାଣ୍ଡି ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

● ଜୟ ଜେନାବୁଢ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମୁଚେଲପଦର ଚାମ୍ପିଅନ



କଣ୍ଟାମାଳ,୭ ।୨(ସମିସ): ଲଣ୍ଡାଗାଁ ପଞ୍ଚାୟତ ମୁରିଆତୁଣ୍ଡି ଖେଳପଡ଼ିଆରେ ଅନୁଷ୍ଠିତ ଜୟ ଜେନାବୁଢ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ମୁରିଆତୁଣ୍ଡି ଦଳ ଓ ମୁଚେଲପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମୁରିଆତୁଣ୍ଡି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୮ ଓଭର ଖେଳରେ ୫୧ ରନ ସଂଗ୍ରହ କରିଥିଲା । ଯବାବରେ ମୁଚେଲପଦର ଦଳ ଲକ୍ଷ୍ୟ ହାସଲ କରି ଚାମ୍ପିଅନ ହୋଇଛି । ପୁରସ୍କାର ବିତରଣ ଉତ୍ସବରେ କନ୍ଧମାଳ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ ମୁଖ୍ୟ ଅତିଥି, ସମାଜସେବୀ ଅଭିରାମ ରଣା, ସାମ୍ବାଦିକ ବଂଶୀଧର ମାଝୀ, ସମାଜସେବୀ ଜିତେନ୍ଦ୍ର କୁଦେଇ, ଶେଷଦେବ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ଏଇଏସ୍ କଲେଜରେ ଆତ୍ମ ସୁରକ୍ଷା ଶିବିର




ତରଭା,୭ ।୨(ସମିସ): ତରଭା ଏଇଏସ୍ ମହା ବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ଶିବିର କଲେଜ ଖେଳ ପଡିଆରେ ଉଦ୍‌ଘାଟିତ ହୋଇଛି । ଶିବିରକୁ କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ । ଅଧ୍ୟାପିକା ଡ. ସବିତା ମିଶ୍ର, ଅଧ୍ୟାପିକା ମୋନାଲିସା ପ୍ରଧାନ, କଲେଜ ପି.ଇ.ଟି ସଂଜୀବ ସାହୁଙ୍କ ସହ ମାଷ୍ଟର ଟ୍ରେନର ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଶିବିର ୮ ଦିନ ଧରି ଅନୁଷ୍ଠିତ ହେବ ।

## ବାଲ୍ୟ ବିବାହର କୁପରିଣାମ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୭ ।୨(ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡିପଦର ପଞ୍ଚାୟତରେ ବିଶ୍ୱ ଯୁବ କେନ୍ଦ୍ର, ବଣିନାଳି ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଏକ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବଲାକିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କିଶୋରୀ ବାଳିକା ଓ ବାଳକଙ୍କ ସହ ଶିକ୍ଷକ ଯୋଗ ଦେଇଥିଲେ । ବନିତା ସମସ୍ତଙ୍କୁ ସ୍ୱାଗତ କରିଥିଲେ, ବାଲ୍ୟ ବିବାହର କୁପରିଣାମ ଓ ଏହାକୁ କିପରି ରୋକଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ବାଲ୍ୟ ବିବାହର କୁପରିଣାମ ଓ ଦଣ୍ଡ ବିଧାନ ଉପରେ ଆଲୋଚନା ହୋଇଥିଲା ।

## ପୟୋନାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୀରମହାରାଜପୁର,୭ ।୨(ସମିସ): ବୀରମହାରାଜପୁରସ୍ଥିତ ପୟୋନୀରା ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଲୋକକବି ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାଙ୍କ ଭବିଷ୍ୟତ କାମନା କରିବା ସହ ବିଭିନ୍ନ କବିତା ମାଧ୍ୟମ ରେ ଛାତ୍ରଛାତ୍ରୀଙ୍କୁ ବାନ୍ଧି ରଖିଥିଲେ । ଅନ୍ୟତମ ଅତିଥି ଭାବେ ଏସ୍‌ଡିପିଓ ହେମନ୍ତ ରାଓ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ଯୋଗ ଦେଇଥିଲେ । ସାମ୍ବାଦିକ ନୀଳକମଳ ମିଶ୍ର, ବ୍ରଜଗୋପାଳ ପଣ୍ଡା, ଭାଷ୍ୟକର ଅବିନଶ ହୋତା, ସଂଗିତକାର ପୀତବାସ ଶତପଥି, ଏଇ ବୈଷୟକରେ ଇଟାଲିରେ ଅଧ୍ୟାୟନ କରୁଥିବା ଭୌମିକ ମିଶ୍ରଙ୍କ ସହିତ ବହୁ ପ୍ରତିଭାବାନଙ୍କୁ ସମ୍ମାନିତ କରିଥିଲେ ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିପ୍ରେରଣା କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି,୭ ।୨(ସମିସ): ମାୟାବାର୍ହା କ୍ଲଷ୍ଟରର ପଣ୍ଡକିଟାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିପ୍ରେରଣା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଶିକ୍ଷୟିତ୍ରୀ ତପସ୍ୱିନୀ ଦାଶ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ସମାପ୍ତିସୂଚକ ମୂଲ୍ୟାୟନ ୨ରେ ଚାପମୁକ୍ତ ଓ ଭୟମୁକ୍ତ ରହିବା ପାଇଁ ଏହି ଅଭିନବ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ । ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ପ୍ରଦତ୍ତ ମୂଲ୍ୟାୟନ କାର୍ଯ୍ୟସୂଚୀ, ମୂଲ୍ୟାୟନର ଉପାଦାନ, ଉପ- ଉପାଦାନ ଓ ଗୁରୁତ୍ୱ, ପ୍ରଶ୍ନପତ୍ରର ପ୍ରକାର ଓ ପ୍ରଶ୍ନପତ୍ରର ଅଭ୍ୟାସ ବିଷୟରେ ପ୍ରାଞ୍ଜଳ ଭାବେ ସେ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ । ପରୀକ୍ଷା ଢାଞ୍ଚାରେ ଲିଖିତ ଓ ପ୍ରକଳ୍ପ କାର୍ଯ୍ୟର ମୂଲ୍ୟାୟନ ବିଷୟରେ ଛାତ୍ରଛାତ୍ରୀଙ୍କୁ ସବିଶେଷ ଭାବେ ବୁଝାଇଥିଲେ । ଏହି ଅଭିନବ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାରେ ଚାପମୁକ୍ତ ଓ ଭୟମୁକ୍ତ ରହିବାର ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି ।

## ବୀରମହାରାଜପୁର ଫଗୁନି ପୁନି ଯାତ୍ରା ନେଇ ପ୍ରସ୍ତୁତି

ବୀରମହାରାଜପୁର,୭ ।୨(ସମିସ): ବୀରମହାରାଜପୁର ଅଞ୍ଚଳର ପ୍ରସିଦ୍ଧ ଦୋଳ ଯାତ୍ରା (ଫଗୁନି ପୁନି) ଅବସରରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁର ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର ଅଧ୍ୟକ୍ଷତା କରିଥିଲେ । ଏଥର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ହରିହର ଭେଟ କରିବାକୁ ପ୍ରଶାସନ ପ୍ରସ୍ତାବ ଦେଇଛି । ଏହା ଉପରେ ୭ଟି କମିଟି ନିଜ ଗ୍ରାମ୍ୟ କମିଟିରେ ଆଲୋଚନା ପୂର୍ବକ ନିଷ୍ପତ୍ତି ନେବେ । ସେହିଭଳି ମେଳଣ ପଡିଆ ଏବଂ ମେଢ଼ ଗୁଡିକ ସହର ମଧ୍ୟକୁ ପ୍ରବେଶ ପୂର୍ବରୁ ବାଣ ଫୁଟାଇବାକୁ ମନା କରାଯାଇଛି । ଏଥିରେ ଅଜିତ ମିର୍ଦ୍ଧା, ବିରାମହରରାଜପୁର ଏସ୍‌ଡିପିଓ ହେମନ୍ତ ରାଓ, ତହସିଲଦାର ଶୁଚିସ୍ମିତା ପାଣିଗ୍ରାହୀ, ଉଲୁଣ୍ଡା ଭାରପ୍ରାପ୍ତ ତାହାସଲଦାର ଶଭମ୍ ଶୁଭାଶିଷ ଶତପଥୀ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ବିଡ଼ିଓ ରାଜୀବ ହାଁସଦା ପ୍ରମୁଖ ଯୋଗ ଦେଇଥଲେ । ଯୁଗଳ ମିଶ୍ର, କିଶୋର ହୋତା, ଦାମୋଦର ହୋତା, ନୀଳକମଲ ମିଶ୍ର, ବ୍ରଜଗୋପାଳ ପଣ୍ଡା, ବିପିନ ପଣ୍ଡା, ଗୁପ୍ତେଶ୍ୱର ରଣା ପ୍ରମୁଖ ଯୋଗ ଦେଇଥିଲେ ।

## ସରସରା ପିଏମଶ୍ରୀ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ବୌଦ୍ଧ,୭ ।୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ସରସରା ପିଏମଶ୍ରୀ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ରୂପେ ଉପ ଜିଲ୍ଲାପାଳ ବିନୟ ଭୋଇ ଯୋଗ ଦେଇ ପାଠ ସହ ଖେଳକୁଦର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଜିଲ୍ଲା କ୍ରୀଡା ଅଧିକାରୀ ଦାୟିତ୍ୱରେ ଥିବା ସୁଧର୍ମା ମଲ୍ଲିକ ବୌଦ୍ଧ ଜିଲ୍ଲାରେ କ୍ରୀଡା କ୍ଷେତ୍ରରେ ଥିବା ସନ୍ତରଣ ତଥା ଅନ୍ୟ ସୁବିଧା ସୁଯୋଗର ଲାଭ ଉଠାଇବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁର ସଭାପତି ଜୟାନନ୍ଦ ମିଶ୍ର, ଗାଁ କମିଟି ସମ୍ପାଦକ ପ୍ରଭାସ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଶିକ୍ଷକ ଲିଲୁପାଣି ମହାକୁଡ଼ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ପଦ୍ମଜା ପତି ସଭାପତିତ୍ୱ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବିନୋଦ ପ୍ରଧାନ, କ୍ରୀଡା ଶିକ୍ଷକ ପ୍ରବୀଣ ବେହେରା, ବୁରୋଗୋରା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ କୃଷ୍ଣଚନ୍ଦ୍ର ସେଠି, ମାଉଲସିଙ୍ଗା ଜେବି ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଧୀର ଭୋଇ, ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଦାମ ସେଠି, ବଡ଼ବନ୍ଧ ବାଳିକା ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଲିଭା ପ୍ରଧାନ ଓ ରାମଗଡ଼ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଦଶରଥ ଭୋଇ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ ।

## ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ



ଜହ୍ନାପଙ୍କ,୭ ।୨(ସମିସ): ବୌଦ୍ଧ ଜିଲ୍ଲା ବଘିଆପଡା ପଞ୍ଚାୟତ ପାଲଝରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୨୨ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଚିପିଲିମା କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟ କୁଳପତି ତଥା ଅଧକ୍ଷ ଡ. ରଞ୍ଜନ କୁମାର ତରାଇ ଯୋଗ ଦେଇଥିଲେ । ଓଡିଶା କୃଷି ଓ ବୈଷୟକ ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣ ନିର୍ଦ୍ଦେଶାଳୟରୁ ଯୁଗ୍ମ ନିର୍ଦ୍ଦେଶକ ଡ. ଶର୍ବାଣୀ ଦାସ ଏହି ବୈଠକରେ ସଭାପତିତ୍ୱ କରିଥିଲେ । ଆଞ୍ଚଳିକ ଗବେଷଣା କେନ୍ଦ୍ର, ଚିପିଲିମାର ସହଯୋଗୀ ଗବେଷଣା ଅଧ୍ୟକ୍ଷ ଡ. ସଂଯୁକ୍ତା ମହାପାତ୍ର ଯୋଗ ଦେଇ ସମନ୍ୱିତ କୃଷି ପଦ୍ଧତି ଉପରେ କ୍ଷେତ୍ର ପରିଦର୍ଶନ କରିବାକୁ ମତ ରଖିଥିଲେ । ଆଭାସୀ ମାଧ୍ୟମରେ କୃଷି ସମ୍ପ୍ରସାରଣ ଅଧ୍ୟକ୍ଷ ଡ. ପ୍ରସଂଜିତ ମିଶ୍ର, କଲିକତା ଅଟାରୀରୁ ପ୍ରଧାନ ବୈଜ୍ଞାନିକ ଡ. ଶ୍ୟାମଲ ମଣ୍ଡଳ ତଥା କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇଥିଲେ । ବୌଦ୍ଧ ଜିଲ୍ଲାର ଜିଲ୍ଲା କୃଷି ଅଧିକାରୀଙ୍କ ପ୍ରତିନିଧି, ଉଦ୍ୟାନ କୃଷି ସହ ନିର୍ଦ୍ଦେଶକ ଯୋଗୀନ୍ଦ୍ର ନାଥ ମହାପାତ୍ର, ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ଏବଂ ଉନ୍ନୟନ ପ୍ରତିଷ୍ଠାନର ମୁଖ୍ୟ ଡଃ ସତେନ୍ଦ୍ର ସିଂ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ. ରାମ ରାଓ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ନାଏକ, କୃଷକ ପ୍ରତିନିଧି, ଜିଲ୍ଲା କୃଷି ବିଭାଗର ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, କୃଷି ପଲିଟେକନିକର ଅଧ୍ୟକ୍ଷ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତଥା ମୁଖ୍ୟ ତପନ କୁମାର ଦାସ ଅତିଥି ପରିଚୟ ଦେଇଥିଲେ । ବୈଜ୍ଞାନିକ ସସ୍ମିତା ପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ଶିକ୍ଷା ନୀତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

କଣ୍ଟାମାଳ,୭ ।୨(ସମିସ) ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ ଖଟଖଟିଆ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାପୀଠରେ ୫ ଦିନ ଧରି ଚାଲିଥିବା ଜାତୀୟ ଶିକ୍ଷାନୀତି ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନି ଖେତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ



ଗୋଷ୍ଠୀ ଶିକ୍ଷାଧିକାରୀ ଦୁର୍ଗା ଚରଣ ପ୍ରଧାନ, ପୁରୁଣାପାଣି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ବସ୍ତିଆ, ବଉଳସିଂଗା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ବିକ୍ରମ ହାତୀ, ବିଜୟ ବସ୍ତିଆ, ନିର୍ମଳ ମହଲା ପ୍ରମୁଖ ତାଲିମଦାତା ଭାବେ ଯୋଗ ଦେଇଥିଲେ । ଶିକ୍ଷକମାନଙ୍କୁ ପାଞ୍ଚପଦି ପଦ୍ଧତି, ପଞ୍ଚକୋଷ ପଦ୍ଧତି, ନୂତନ ପାଠ୍ୟକ୍ରମ, ଯୋଗ, କଳା ଶିକ୍ଷା, ବୃତ୍ତିଗତ ଶିକ୍ଷା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଶିକ୍ଷକ ବଳଦେବ ପ୍ରହରାଜ ମଞ୍ଚ ପରିଚାଳନା କରିଥିବାବେଳେ ପଥର୍ଲା ବିଦ୍ୟାଳୟର ପ୍ରଧ ଶିକ୍ଷକ ଶୁକଦେବ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜହ୍ନାପଙ୍କ ସରକାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ

ଜହ୍ନାପଙ୍କ,୭ ।୨(ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବ୍ଲକ୍ ପୂର୍ବତନ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ସ୍ୱାଧୀନ ପ୍ରଧାନ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ପ୍ରମୋଦ ଖମାରୀ ସଭାରେ ଅଧ୍ୟକ୍ଷତା କରିଥିଲେ । ଶିକ୍ଷକ ଜିତେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ଡିସ୍‌କସ୍ ଥ୍ରୋ, ସଟ୍‌ପୁଟ୍, ଅଖା ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା । ଖେଳକୁ ଖେଳ ଶିକ୍ଷକ ସୁଶାନ୍ତ ବଳ ପରିଚାଳନା କରିଥିଲେ । ଶିକ୍ଷକ ପ୍ରଦୀପ ସାହୁ, ସୁଶାନ୍ତ ବିଶ୍ୱାଳ, ବରୁଣ ରଣାଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ସେହିପରି ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ସଭାପତି ଉତ୍ସବ ସାହୁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସହସ୍ରାଂଶୁ ମିଶ୍ର, ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ପୁରାତନ ଛାତ୍ର ମୋହନ ସାହୁ, ପୂର୍ବତନ ଖେଳ ଶିକ୍ଷକ ଜଗନ୍ନାଥ ବେହେରା, ବିଦ୍ୟାଳୟ ପରିଚାଳନା ସଭାପତି ସ୍ୱାଧୀନ ପ୍ରଧାନ ଯୋଗ ଦେଇଥିଲେ । ବିଭିନ୍ନ ଖେଳରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ । ସିନିୟର ବିଭାଗ ବାଳକରେ ରାମ କୁମାର ବେହେରା ଓ ବାଳିକାରେ ଅଙ୍କିତା ଭୋଇ ଚାମ୍ପିଅନ ହୋଇଥିଲେ । ଜୁନିୟର ବିଭାଗ ବାଳକରେ ଇନ୍ଦ୍ରଜିତ ବାରିକ ଓ ବାଳିକାରେ ପାୟଲ ପ୍ରଧାନ ଚାମ୍ପିଅନ ହୋଇଥିଲେ । ଶିକ୍ଷକ ଜିତେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସୁଶାନ୍ତ ବଳ ଧନ୍ୟବାଦ ଅର୍ପଣ କରିଥିଲେ । ବିଜୟ ପ୍ରଧାନ, ଶିବାନନ୍ଦ ପାଳ, ବରୁଣ ରଣା, ପ୍ରଦୀପ ସାହୁ, ସୁଶାନ୍ତ ବିଶ୍ୱାଳ, ସୀତାରାମ କହଁର, ଶଶାଙ୍କ ମେହେର, ସୁଜିତ ସାହୁ, ସୁଷ୍ମନ୍ତ ସୁବୁଦ୍ଧି,ଆଦିତ୍ୟ ଦୀପ, ଦୀପଞ୍ଜଳି ଦେହୁରୀ, ସରିତା ମାଝି, ରତନୀ ବେହେରା, ଅଞ୍ଜଳି ତ୍ରିପାଠୀ, ପ୍ରୀତିରଞ୍ଜନ ମହାଲିଙ୍ଗ, ସ୍ୱର୍ଣ୍ଣଲତା କହଁର, ରୀତା ବିଶ୍ୱାଳ ଏବଂ ନିରଞ୍ଜନ ମିର୍ଦ୍ଧା ସହଯୋଗ କରିଥିଲେ ।

# ବାଘନଦୀ-କନ୍ଧରିଆପଡ଼ା ଷ୍ଟେସନ ପାଇଁ ବିଧାୟକଙ୍କୁ ଫେରାଦ

ମନମୁଣ୍ଡା,୭ ।୨(ସମିସ)

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ମନୁପାଲି ପଞ୍ଚାୟତ କନ୍ଧରିଆପଡ଼ା ଗ୍ରାମ ବାଘନଦୀ ନିକଟରେ ବାଘ ରେଳ ଷ୍ଟେସନ ନାମରେ ଏକ ଷ୍ଟେସନ ସ୍ଥାପନ ପାଇଁ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ କମିଟି ସଦସ୍ୟମାନେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ତାଙ୍କ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି । ବାଘ ରେଳ ଷ୍ଟେସନ ସଂଗ୍ରାମ ସମିତି ସଭାପତି କରୁଣାକର ଘଣ୍ଟୁଆଳଙ୍କ ନେତୃତ୍ୱରେ ନାରାୟଣ ଦେହୁରୀ, ନକୁଳ ପ୍ରଧାନ, ଚୈତନ୍ୟ ମଲ୍ଲିକ, ଦେବରାଜ ଭୋଇ, ଆହାଲ୍ଲାଦ ଖମାରୀ ପ୍ରମୁଖ ସଭ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ । ପୂର୍ବରୁ ବାଘନଦୀ-କନ୍ଧରିଆପଡ଼ା ଷ୍ଟେସନ କରାଯିବାର ଡିପିଆର ପ୍ରସ୍ତୁତ କରାଯାଇ ପ୍ରସ୍ତାବିତ ବଲାଙ୍ଗୀର-ଖୋର୍ଦ୍ଧା ରେଳ ଲାଇନ ମ୍ୟାପରେ



ମଧ୍ୟ ସ୍ଥାନ ପାଇଥିଲା । ସେଠାରେ ଷ୍ଟେସନ କରିବା ଉଦ୍ଦେଶ୍ୟରେ କନ୍ଧରିଆପଡ଼ା ମୌଜାର ପ୍ରାୟ ୭୪ ଏକର ଜମି ଅଧିଗ୍ରହଣ କରାଯାଇଥିଲା । ସମସ୍ତ ଭିତ୍ତିଭୂମି ମଧ୍ୟ ରହିଛି । ପୂର୍ବ ପ୍ରସ୍ତାବିତ ବାଘନଦୀ - କନ୍ଧରିଆପଡା ଷ୍ଟେସନ ଜାତୀୟ ରାଜପଥଠାରୁ ମାତ୍ର ୫୦୦ ମିଟର ଦୂର ଓ ବ୍ୟବସାୟ କେନ୍ଦ୍ର ବାଉଁଶୁଣିଠାରୁ ମାତ୍ର ୨ କିମି ଦୂର ହେବ । ସେଠାରେ ଷ୍ଟେସନ ହେଲେ ବୌଦ୍ଧ ଜିଲ୍ଲାର ବାଉଁଶୁଣି, ମନୁପାଲି, ଖଲିଆପାଲି (ପୁରୁମୁଣ୍ଡା), ରକ୍ସା (ଦହ୍ୟା), କସୁରବନ୍ଧ, ଗୁନ୍ଦୁଲିଆ , ଗୋଛାପଡା, ଶଗଡ଼ା, ବରଗୋଛା , ଅଁଳାପାଲି ପଞ୍ଚାୟତର ପ୍ରାୟ ୭୦ ହଜାର ଲୋକ ଏବଂ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଜନସାଧାରଣ ରେଳ ଯାତାୟାତର ସୁବିଧା ପାଇ ପାରିବେ ତଥା ଉପକୃତ ହେବେ । ପ୍ରକାଶଯୋଗ୍ୟ ଯେ, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାକୁ ଗମନାଗମନ ସୁବିଧା ପାଇଁ ବାଉଁଶୁଣି - ବୀରମହାରାଜପୁର ମହାନଦୀ ଉପରେ ସରକାର ଏକ ସେତୁ ନିର୍ମାଣ କରୁଛନ୍ତି; ଯାହାର ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି । ବାଉଁଶୁଣିଠାରୁ ବୀରମହାରାଜପୁର ମାତ୍ର ୫ କିମି ଦୂର ହେବ । ବିଧାୟକ ଶ୍ରୀ ଡାଙ୍ଗ ଏହି ଦାବି ସମ୍ପର୍କରେ ରେଳ ବିଭାଗର କର୍ତ୍ତୃପକ୍ଷ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସମ୍ପୂର୍ଣ୍ଣ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଗ୍ରୀନ୍ ଭ୍ୟାଲି ଏକାଡେମୀ ବିଦ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ




**କଳମପୁର, ୭ ।୨(ସମିସ):** କଳମପୁରରେ ଅସ୍ଥାୟୀ ସ୍ଥାନରେ ଗ୍ରୀନ ଭ୍ୟାଲି ଏକାଡେମୀ ବିଦ୍ୟାଳୟ ପରିଚାଳିତ ହୋଇ ଆସୁଥିଲା। ପରିଚାଳନା କମିଟିର ଉଦ୍ୟମକ୍ରମେ ତାହାକୁ ନୂତନ ସ୍ଥାନକୁ ସ୍ଥାନାନ୍ତର ହୋଇଛି। ନୂତନ କୋଠା ଘର ନିର୍ମିତ ହୋଇ ଉଦ୍‌ଘାଟନ ହୋଇଯାଇଛି।ଉଦ୍‌ଘାଟନ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଥୁଆମୂଳରାମପୁର କଲେଜ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଥୁଆମୂଳ ରାମପୁର ବିଜେପି ମଣ୍ଡଳ ପ୍ରଭାରି ଘନଶ୍ୟାମ ନାଏକ, ବିଜୟ ପଣ୍ଡା, ଥାନା ଅଧିକାରୀ ବିଶ୍ୱମ୍ବର କହଁର, ପଣ୍ଡିଗାଁ ସରପଞ୍ଚ କବିତା ଜୈନ, ମିନଗୁର ସରପଞ୍ଚ ନୀହାରିକା ବେହେରା, ଦେପୁର ସରପଞ୍ଚ ଟ୍ୱିଙ୍କଲ ପାତ୍ର, କୋଟା ଗାଁ ସରପଞ୍ଚ ଚନ୍ଦନ ପଣ୍ଡା, ନୂଆଗାଁ ସରପଞ୍ଚ ସୁଶାନ୍ତ ମାଝୀ, ଯୋଗଦେଇ ଥିଲେ, ପରିଚାଳନା କମିଟି ସଭାପତି ମନୋଜ ଅଗ୍ରୱାଲ ସଭାପତିତ୍ୱ କରିଥିବା ବେଳେ ସୁଶିଲ ଜୈନ, ଶିବ ସାହୁ, ଦେବରାଜ ମିଶ୍ର, ମୁକେଶ ଅଗ୍ରୱାଲ, ଜଗୁ ଶର୍ମା, ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶିବାନୀ ଶର୍ମା ବିଦ୍ୟାଳୟର ବିବରଣୀ ପାଠ କରିଥିଲେ।

ବନ୍ଦ ହେଲାଣି ପ୍ରାୟ ୧୦୦ ମଣ୍ଡି

## ଶତାଧିକ ମଣ୍ଡିରେ ପଡ଼ିଛି ୬ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ

**ଭବାନୀପାଟଣା, ୭ ।୨(ସମିସ)**

ଚଳିତ ଖରିଫ ଧାନ ବିକ୍ରି ପ୍ରକ୍ରିୟାରେ ଚାଷୀ ହନ୍ତସନ୍ତ ହେବା ସାର ହୋଇଛି। ବିଳମ୍ବରେ ମଣ୍ଡି ଖୋଲିବା ଠାରୁ ଆରମ୍ଭ କରି ମିଲର୍ସଙ୍କ ଧାନ ନଉଠାଇବା ଧମକ ଚାଷୀଙ୍କୁ ପ୍ରଥମରୁ ନିରାଶ କରିଥିଲା।ପରେ ଟୋକନ୍ ଠିକ୍ ସମୟରେ ଆସିନଥିଲା। ଟୋକନ ଆସିଲେ ଧାନ ନଉଠିବା ଏବଂ ଧାନ ଉଠିଲେ ଠିକଣା ସମୟରେ ଚାଷୀ ନିଜ ପ୍ରାପ୍ୟ ନପାଇବା ଏକ ପ୍ରକାର ମୁସ୍କିଲ ପରିସ୍ଥିତି ସୃଷ୍ଟି କରିଥିଲା। କଂଗ୍ରେସ ଓ ବିଜୁ ଜନତା ଦଳ ନେତୃବର୍ଗ ମଣ୍ଡି ପରିଦର୍ଶନ କରି ବାସ୍ତବିକ ସମସ୍ୟା ବୁଝିବା ସହିତ ଚାଷୀର ଦୁଃଖରେ ସମବେଦନା ଜଣାଇଛନ୍ତି। ଅନ୍ୟପକ୍ଷରେ ଇତିମଧ୍ୟରେ ୫୮ଲକ୍ଷ କୁଇଣ୍ଟାଲ ଧାନ ମଣ୍ଡିରୁ ଉଠିବା ସତ୍ତ୍ୱେ ଶାସକ ଦଳର କୌଣସି ନେତା ଚାଷୀର ମୌଳିକ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିନଥିବା କୁହାଯାଉଛି। ମଣ୍ଡିରେ କାହା ପାଦ ପଡ଼ିନାହିଁ। ସଭା ସମିତି ଓ ମେଳା, ଉତ୍ସବ ମହୋତ୍ସବ ସହ ବିଭିନ୍ନ କାର୍ଯ୍ୟରେ ଫିତାକଟା ଉଦ୍‌ଘାଟନ ପର୍ବ ଯୋଗଦେବାରେ ଲିପ୍ତ ରହିଲେ। କେବଳ ସେତିକି ନୁହେଁ ସୋସିଆଲ ମିଡିଆରେ ପୋଷ୍ଟ କରିବାରେ ଯେମିତି ପ୍ରତିଯୋଗିତା ଚାଲୁଥିବା ଅନୁଭବ ହେଉଛି। ଜିଲ୍ଲାରେ ଚଳିତ ଖରିଫ୍ ଧାନ କିଣା ଆରମ୍ଭରୁ ଅବ୍ୟବସ୍ଥା ଜାରି ରହିଥିବା ଜାଣିସୁଦ୍ଧା ତିଳେମାତ୍ର ସହାନୁଭୂତି ପ୍ରଦର୍ଶନ କରିବା ନଜରକୁ ଆସିନଥିଲା। ଜିଲ୍ଲାରେ ଧାନ କିଣା ଶେଷ ପର୍ଯ୍ୟାୟର ପହଞ୍ଚିଛି। କିନ୍ତୁ ୨ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇନାହିଁ ଧାନ କିଣା ବ୍ୟବସ୍ଥା। ଏବେ ବି ଜିଲ୍ଲାର ଶତାଧିକ ମଣ୍ଡିରେ ୬ ଲକ୍ଷରୁ ଊର୍ଦ୍ଧ୍ୱରୁ କୁଇଣ୍ଟାଲ ଧାନ ପଡ଼ି ରହିଥିବା ବେଳେ



୬୪ ଲକ୍ଷ ୫୮ ହଜାର କୁଇଣ୍ଟାଲ ଟାର୍ଗେଟ ରହିଛି।୬୪ଲକ୍ଷ କୁଣ୍ଟାଲରୁ ଶୁକ୍ରବାର ସୁଦ୍ଧା ପ୍ରାୟ ୫୮ ଲକ୍ଷରୁ ଊର୍ଦ୍ଧ୍ୱରୁ କୁଇଣ୍ଟାଲ ଧାନ ମଣ୍ଡିରୁ ଉଠାଯାଇଛି ବୋଲି ରିପୋର୍ଟ ଯୋଗାଣ ବିଭାଗ ପ୍ରସ୍ତୁତ କରିଛି। ସେଥିମଧ୍ୟରୁ ୪୯ଲକ୍ଷ ୧୧ହଜାର ୧୪୧କୁଇଣ୍ଟାଲ ଧାନର ଟଙ୍କା ବ୍ୟାଙ୍କରେ ପଡ଼ିଥିବା ଜଣାଯାଇଛି। ଆଉ ୬ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଗଲେ ମୁଣ୍ଡ ବିନ୍ଧା ଦୂରହେବ ବୋଲି ଚିନ୍ତା କରୁଛି ପ୍ରଶାସନ। ଚଳିତ ବର୍ଷ ପାଖାପାଖି ୬୪ଲକ୍ଷ କୁଇଣ୍ଟାଲ ଧାନ ପାଇଁ ଟୋକନ ମହଜୁଦ ଥିବାକଥା କହୁଥିଲେ ମଧ୍ୟ ଚାଷୀଙ୍କ ଖଳାରେ ଘରେ ଶହ ଶହ କ୍ୱିଣ୍ଟାଲ ଧାନ ଗଚ୍ଛିତ ଥିବା ଚାଷୀ ପ୍ରକାଶ କରିଛନ୍ତି। ରବି ଚାଷବେଳେ ଖରିଫର ବଳକା ଧାନ ଚାଷୀ ମଣ୍ଡିରେ ବିକ୍ରି କରିବା ସବୁଠାରୁ ବଡ ସମସ୍ୟା ହୋଇ ଅଡୁଆରେ ପକାଇବା ନିଶ୍ଚିତ। କାରଣ ଧାନ ମଣ୍ଡିରୁ ନେଇ ମିଲରେ ରଖିବା ପାଇଁ ଆଉ ସ୍ଥାନ ନାହିଁ। ଗତ ୨୦୨୪/୨୫ର ୧୧ଲକ୍ଷ କୁଇଣ୍ଟାଲ ଧାନ ସେମିତି ମିଲ ଗୁଡିକରେ ପଡ଼ିରହିଛି। ତାହା ଲିଫ୍ଟ ହେଉନାହିଁ। ଏଫ୍‌ସିଆଇ ସହଯୋଗ କରୁନଥିବା ମିଲର୍ସ ଅଭିଯୋଗ କରିଛନ୍ତି। ସେପଟେ ଅଧିକ କୁଇଣ୍ଟାଲ ଧାନ ରଖି ଚାଷୀ ଅପେକ୍ଷା କରି ରହିଛନ୍ତି। ଗତ ବର୍ଷରୁ ଶାସକ ଦଳ ଦାମ୍ଭିକତାର ସହିତ କହିଥିଲେ କଟ୍‌ନୀ ଛଟ୍‌ନୀ ହେବ ନାହିଁ। କିନ୍ତୁ ଅନ୍ୟାନ୍ୟ ବର୍ଷ ତୁଳନାରେ ମଣ୍ଡି ଗୁଡିକରେ ଭୟଙ୍କର କଟନି ଛଟନିକୁ ଚାଷୀ ସାମ୍ନା କରିଛି। ସେତିକି ନୁହେଁ ପ୍ରବଳ ଥଣ୍ଡା ଆଉ ଖୋଲା ଆକାଶ ତଳେ ମଣ୍ଡିରେ ଜଗିରହି ଧାନ ବିକ୍ରି କରିବାର ବିକଳ ସ୍ଥିତିକୁ ଚାଷୀ କେବେ ଭୁଲିବାର ନାହିଁ। ଜିଲ୍ଲାର ଧାନ ବିକ୍ରି ପ୍ରକ୍ରିୟାରେ ଦେଖାଦେଇଥିବା ମନ୍ଥରଗତି ସମ୍ପର୍କରେ ରାଜ୍ୟ ସରକାର ଜିଲ୍ଲା ପ୍ରଶାସନ

**ଖରିଫ ଧାନ ବିକ୍ରିରେ ଚାଷୀ ଅଧିକ ହିନସ୍ତା ହୋଇଛନ୍ତି**

**ଶାସକ ଦଳ ନେତା ଚାଷୀଙ୍କ ପାଖ ମାଡ଼ିନାହାନ୍ତି**

**ଯୋଗାଣ ବିଭାଗ ରିପୋର୍ଟ ୫୮ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ**

ଓ ଯୋଗାଣ ବିଭାଗ ଏବଂ ମିଲର୍ସ ସମସ୍ତେ ଯେମିତି ଅବଗତ ଥାଇ ଚାଷୀଙ୍କୁ ଅନ୍ଧାରରେ ରଖି ଆସିଥିବା କଥା ଅନେକ ନିଜ ଅନୁଭବରୁ ପ୍ରକାଶ କରିଛନ୍ତି। କେସିଙ୍ଗା ବ୍ଲକର କାଣ୍ଡେଲ ହେଉ କି କେ ଗାଆଁ ମଣ୍ଡିରେ ଏବଂ କର୍ଲାମୁଣ୍ଡା ବ୍ଲକର ଜୋରାଡୋବ୍ରା ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିଥିବା ଜଣାପଡ଼ିଛି। ରବି ଚାଷ ପାଇଁ ଇନ୍ଦ୍ରାବତୀ କେନାଲରେ ପାଣି ଛାଡିବା ପରେ ଚାଷୀମାନେ ପହ୍ଲା ରୁଆ ଆରମ୍ଭ କରିଥିବା ବେଳେ କିଛି ଚାଷୀ ରୁଆ ମଧ୍ୟ ଆରମ୍ଭ କଲେଣି। ହେଲେ ଏ ଯାଏଁ ମଣ୍ଡିରୁ ଖରିଫ୍ ଧାନ ଉଠୁନଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଗୋଟିଏ ପଟେ ଟୋକନରେ ବିଭ୍ରାଟ ଯୋଗୁଁ ବଡ଼ ଚାଷୀମାନେ ଧାନ ବିକ୍ରି କରି ପାରୁନଥିବା ବେଳେ ଟୋକନ ଥିବା ଧାନ ମଧ୍ୟ ବିକ୍ରି ହେବାର ନାଁ ଧରୁନାହିଁ। କେତେକ ଚାଷୀ ସେମାନଙ୍କର କଷ୍ଟ ଉପାର୍ଜିତ ଧାନକୁ ମଣ୍ଡିରେ ଜଗି ରହିବା ପରିବର୍ତ୍ତେ ଶାଗ ମାଛ ଦରରେ ବିକ୍ରୀ କରିବାକୁ ମନ ସ୍ଥିର କରିଥିବା ଲକ୍ଷ୍ୟ କରାଯାଉଛି। ଏମିତି କହିବାକୁଗଲେ ଧାନକୁ ଦଲାଲମାନେ ଏବେ ମଧ୍ୟ କୁଇଣ୍ଟାଲ ପିଛା ୧୭ଶହ ଟଙ୍କାରେ କିଣି ମିଲ୍ ପଏଣ୍ଟକୁ ପହଞ୍ଚାଉଥିବା କାର୍ଯ୍ୟରେ ସଫଳ ହେଉଛନ୍ତି ବୋଲି ଅଭିଯୋଗ ଶୁଣିବାକୁ ମିଳୁଛି। ଦଲାଲମାନେ କମ୍ ମୂଲ୍ୟରେ ଧାନ କିଣି ଚାଷୀଙ୍କ ଟୋକନରେ ବିକ୍ରି କରି ବୋନସ ଚଳୁ କରୁଥିବା ବେଳେ ଚାଷୀମାନେ ଜଳକା ହୋଇ ରହିଛନ୍ତି। ରବିଚାଷ ଆରମ୍ଭ ହୋଇଥିବା ବେଳେ ଧାନ ବିକ୍ରି ହେଉ ନଥିବା ଯୋଗୁଁ ଅଧିକାଂଶ ଚାଷୀ ନିରୁପାୟ ହୋଇ କିଛି ଚାଷୀ ଧାନ ଘରକୁ ନେଇସାରିଛନ୍ତି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କୁ ପଚାରିବାରୁ ମଣ୍ଡିରେ କେତେ ଧାନ ପଡ଼ି ରହିଛି କିନ୍ତୁ ସବୁ ଧାନ ଉଠାଇବା ଚେଷ୍ଟା ଜାରି ରହିଥିବା ପ୍ରକାଶ କରିଛନ୍ତି।

■ **ଗ୍ରାମାଞ୍ଚଳ ଲୋକଙ୍କ ଦୁଃଖ ବୁଝୁନାହିଁ ସରକାର**

## ଚାନ୍ଦା କରି ରାସ୍ତା ନିର୍ମାଣ କଲେ ପଡ଼ାବାସୀ



**ଅନୁରୋଧ କରି କରି ଥକିଗଲେ ବାଞ୍ଜିପଡ଼ାବାସୀ**

**ଶୁଣିଲାନି ପଞ୍ଚାୟତ କି ବ୍ଲକ୍ ପ୍ରଶାସନ**

**ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ମୁହଁ ମୋଡ଼ିଦେଲେ**

**ତୁରେକେଲା, ୭ ।୨(ସମିସ):** ରାଜ୍ୟର ଡବଲ ଇଂଜିନ ସରକାର ଗ୍ରାମାଞ୍ଚଳର ବିକାଶ କଥା କହୁଛି। ଗ୍ରାମାଞ୍ଚଳ ଲୋକଙ୍କ କଥା କିନ୍ତୁ ଶୁଣୁନି। ଅନେକଥର ପଡ଼ାବାସୀ ରାସ୍ତା ନିର୍ମାଣ କରିବାକୁ ପଞ୍ଚାୟତରୁ ବ୍ଲକ ପ୍ରଶାସନ ଏବଂ ପଞ୍ଚାୟତରାଜ ବିଭାଗ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। କେହି କିନ୍ତୁ ସେମାନଙ୍କ ଦୁଃଖ ବୁଝିଲେନି। ଶେଷର ସମସ୍ୟା ସମାଧାନ ଲାଗି ସେମାନେ ନିଜ ଭିତରେ ନିଷ୍ପତ୍ତି ନେଲେ। ନିରାଶ ହୋଇ ଗରିବ ଅସହାୟ ପରିବାର ଲୋକେ ଘର ପିଛା ୧ ହଜାର ଟଙ୍କା ଲେଖାଏଁ ଚାନ୍ଦା କରିଥିଲେ। ଏହି ଟଙ୍କାରେ ରାସ୍ତା ନିର୍ମାଣ କରିଥିବା ଦେଖିବାକୁ ମିଳିଛି। ବଲାଙ୍ଗୀର ଜିଲ୍ଲାର ଉପାନ୍ତ ଅଞ୍ଚଳ ଡୋଲାମାନ୍ଦଳ ପଞ୍ଚାୟତର ବାଞ୍ଜିପଡ଼ାର ଏହି କାହାଣୀ। ଏଠାରେ ଆଦିବାସୀ ସମ୍ପ୍ରଦାୟର ପ୍ରାୟ ୧୦ ଘର ପରିବାର ବସବାସ କରନ୍ତି। ବାଞ୍ଜିପଡ଼ାଠାରୁ ବହଳପଡ଼ାକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ଏହାଫଳରେ ଏମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାଞ୍ଜିପଡ଼ାବାସୀ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ସେମାନଙ୍କ ସମସ୍ୟା କହୁଛନ୍ତି; ହେଲେ ଏହାର ସମାଧାନ ହେଉନାହିଁ। ଗତ କିଛି ଦିନ ତଳେ ଏହି ଅଞ୍ଚଳକୁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ଗସ୍ତ କରିଥଲେ। ସେତେବେଳେ ମଧ୍ୟ ଏମାନେ ମନ୍ତ୍ରୀଙ୍କୁ ଦରଖାସ୍ତ ଦେଇଥିଲେ; ହେଲେ ଫଳ ଶୂନ। ଶେଷରେ ଶନିବାର ନିଜେ ରାସ୍ତାରେ ମାଟି, ମୋରମ ପକାଇ ନିର୍ମାଣ କରିଛନ୍ତି।

## ଫଂଟକିମହୁଲରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଥୁଆମୂଳରାମପୁର, ୭ ।୨ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଗୋପୀନାଥପୁର ପଞ୍ଚାୟତର ଫଂଟକିମହୁଲ ଗାଁରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶନିବାର ଆୟୋଜିତ ଶିବିରରେ ମୋଟ ୧୫୯ ଜଣ ଭିନ୍ନକ୍ଷମ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୬୭ ଜଣ ଚଳନଗତ ଅକ୍ଷମତା ବ୍ୟକ୍ତି, ଦୃଷ୍ଟି ବାଧିତ ୩୨, ମସ୍ତିଷ୍କ ବାଧିତ ୨୭ ଏବଂ ୩୩ ଜଣ ମୁକ ଓ ବଧିର ବ୍ୟକ୍ତି ସାମିଲ ଥିଲେ। ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ, ଲାଞ୍ଜିଗଡ଼ ବିଜେପି ପ୍ରଭାରୀ ବିଷ୍ଣୁ ନାଏକ, ସ୍ଥାନୀୟ ସରପଞ୍ଚ ଧନସିଂ ମାଝୀ, ବ୍ଲକ ମଙ୍ଗଳ ଅଧିକାରୀ ଶୁଭଜିତ ସ୍ୱାଇଁ, ବ୍ଲକ ଯୋଗାଣ ନିରୀକ୍ଷକ ବିଭୂ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଆୟୋଜିତ ଶିବିରରେ ୨ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକଲ, ୨ ଜଣଙ୍କୁ ହ୍ୱିଲ୍ ଚେୟାର ୪ ଜଣଙ୍କୁ ଆଶାବାଡି ପ୍ରଦାନ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଅବିନାଶ ଏ ନେଗି, ମନରୋଗ ଚିକିତ୍ସକ ଅନନ୍ତ ଚରଣ ମେହେର, ନେତ୍ର ଚିକିତ୍ସକ ନିବେଦିତା ମହାପାତ୍ର, ଦୁରସଂଯୋଗ ଚିକିତ୍ସକ ନିବେଦିତା ସାହୁ, ମନୋବିଜ୍ଞାନୀ ଚିକିତ୍ସକ ଅନାୟତ ମହମ୍ମଦ ଏବଂ ଶ୍ରବଣ ବିଶେଷଜ୍ଞ ଆରାଧନା ବେହୁରା ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମତାର ପରୀକ୍ଷା ନିରୀକ୍ଷା କରିଥିଲେ। ଗୋପୀନାଥପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋରାସିଂ ମାଝୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିର ଗ୍ରାମ ତଳସ୍ତରରେ ହେବାକୁ ନେଇ ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହିତ ସନ୍ତୋଷ ପ୍ରକାଶ କରିଥିଲେ।

## ଏନ୍‌ଏସିରେ ବର୍ଜ୍ୟବସ୍ତୁ ସଂଗ୍ରହ ଯାନ ଲୋକାର୍ପିତ

**ଧର୍ମଗଡ଼, ୭ ।୨(ସମିସ):** ଧର୍ମଗଡ଼ ଏନ୍‌ଏସିରେ ୫ଟି ବର୍ଯ୍ୟବସ୍ତୁ ସଂଗ୍ରହ ଯାନର ଲୋକାର୍ପିତ ହୋଇଛି। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ୫ଟି ବର୍ଯ୍ୟବସ୍ତୁ ସଂଗ୍ରହ ଯାନ ର ଶୁଭାରମ୍ଭ କରିଥିଲେ। ଆଗରୁ ଧର୍ମଗଡ଼ ଏନ୍‌ଏସିରେ ୩ଟି ସଫେଇ ଗାଡ଼ି ରହିଥିଲା ଫଳରେ ସହରର ତ୍ୱରିତ ଭାବେ ଅଳିଆ ସଂଗ୍ରହ ହୋଇ ପାରୁନଥିଲା।ସରକାରୀ ନିୟମ ଅନୁଯାୟୀ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ପ୍ରତ୍ୟେକ ୭୦୦ଘରରେ ଗୋଟିଏ ଗାଡିର ଆବଶ୍ୟକତା ଥିଲା। ୫ଟି ଗାଡ଼ି ଲୋକାର୍ପଣ ହେବା ପରେ ଧର୍ମଗଡ଼ ଏନଏସି ର ୧୪ଟି ୱାର୍ଡରେ ସଫେଇ କାର୍ଯ୍ୟ ଆହୁରି ତ୍ୱରାନିତ୍ୱ ହୋଇ ପାରିବ। କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, ସଫେଇ ପ୍ରବୀଣ ଅଭିନନ୍ଦନ ପ୍ରଧାନ, ହିସାବ ରକ୍ଷକ ହିମାଂଶୁ ରଣା, ବରିଷ୍ଠ କିରାଣୀ ରବୀନ୍ଦ୍ର ପରିଡ଼ା ସମେତ ଏନ୍‌ଏସିର ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

## କୃଷକ ଉତ୍ପାଦକ କମ୍ପାନୀର ତାଲିମ କାର୍ଯ୍ୟକ୍ରମ




**କୋମନା, ୭ ।୨(ସମିସ):** ସ୍ଥାନୀୟ ସହଭାଗୀ ବିକାଶ ଅଭିଯାନ ବିଲେଞ୍ଜୋର ତାଲିମ କେନ୍ଦ୍ରଠାରେ ଗତ ବୁଧବାର ଠାରୁ ରୁ ଚାଲିଥିବା କୃଷକ ଉତ୍ପାଦକ କମ୍ପାନୀର ଆବାସିକ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ତିନି ଦିନ ଧରି କୃଷକ ଉତ୍ପାଦକ କମ୍ପାନୀ ମାନଙ୍କ ଦକ୍ଷତା ବୃଦ୍ଧି ଓ ବିଭିନ୍ନ ପ୍ରକାର ସରକାରୀ ଯୋଜନା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୪ଟି କମ୍ପାନୀ ରୁ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ତାଲିମଦାତା ଭାବରେ ଜଗଦୀଶ ପ୍ରସାଦ ଦାସ ତାଲିମ ପ୍ରଦାନ କରିଥିଲେ ଓ ତାଲିମ କାର୍ଯ୍ୟକ୍ରମରେ ଅତିଥି ଭାବରେ ନାବାର୍ଡ ଡିଡିଏମ ନୂଆପଡ଼ା ଓ କୃଷି ଅଧିକାରୀ କୋମନା, ଉଦ୍ୟାନ ବିଭାଗ ଅଧିକାରୀ କୋମନା ଯୋଗଦାନ କରି ବିଭିନ୍ନ ଯୋଜନା ଉପରେ ସମ୍ପୂର୍ଣ୍ଣ ଭାବରେ ବୁଝାଇଥିଲେ। ତାଲିମକୁ ଅନୁଷ୍ଠାନର ସଂଯୋଜକ ମନୋଜ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ମାର୍କେଟ ଏକଜ୍ୟୁକେଟିଭ ଖୁସିରାମ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ସରପଞ୍ଚ ପୀତାମ୍ବର ପୂଝାରୀଙ୍କ ପରଲୋକ

**ଧର୍ମଗଡ଼, ୭ ।୨ (ସମିସ):** ଧର୍ମଗଡ଼ ବ୍ଲକ ଡୁମେରଗୁଡା ପଞ୍ଚାୟତ ମୁଖିଗୁଡାଗାଁର ପୀତାମ୍ବର ପୂଝାରୀଙ୍କ ଶନିବାର ଦିନ ପରଲୋକ



ହୋଇଛି। ସେ ଦୀର୍ଘ ଦିନରୁ ପାରାଲିସିସ ରୋଗରେ ପୀଡିତ ଥିଲେ। ସେ ୨୦୦୭ରୁ ୨୦୧୨ ମସିହା ୫ ବର୍ଷ ଡୁମେରଗୁଡା ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳର ବରିଷ୍ଠ ସମାଜ ସେବୀ ଶ୍ୟାମସୁନ୍ଦର ମାଝୀ, ପୂର୍ବତନ ସରପଞ୍ଚ ସୁରେଶ ଭଇଁସାଳ, ସମାଜସେବୀ ଦୟାନିଧି ମାଝୀ ଦୁଃଖ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ସେମିଲିଏନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଗୋଲାମୁଣ୍ଡା, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚିଚିଆ ଗ୍ରାମ ସ୍ଥିତ ସେମିଲିଏନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧକ୍ଷ ପୃଥିରାଜ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବିଦ୍ୟାଳୟରବରିଷ୍ଠ ଅଧାପକ ସୁରେନ୍ଦ୍ର କୁମାର ଭୋଇ, ଅଧାପକ ଗୋପାଳ ସାହୁ, ବରିଷ୍ଠ କିରାଣି ସୁଦର୍ଶନ ଚୌଧରି, ଖେଳ ଶିକ୍ଷକ ଯତୀନ୍ଦ୍ର ମୋହନ ମୁଣ୍ଡ, କନିଷ୍ଠ କିରାଣି ଜନ୍ମେଜୟ ରାଉତ, ପିଅନ ସୁବାସ ଚନ୍ଦ୍ର ପଣ୍ଡା, ଡିଇଓ ପ୍ରମୋଦ କୁମାର ଗୁରୁ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଉକ୍ତ ଉତ୍ସବରେସୁଜନ ଅଘରିଆ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅଧାପକ ଗୋପାଳ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ

**ସିନାପାଲି, ୭ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନିଲଜି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗ ନିଲଜି କ୍ଲଷ୍ଟର ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ବାଲାଜି ସୁନାନୀଙ୍କ ସଭାପତିତ୍ୱରେ




ମୁଖ୍ୟଅତିଥି ଭାବେ ସିନାପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜତିନ୍ଦ୍ର କୁମାର ସେଠ, ମୁଖ୍ୟବକ୍ତା ଭାବେ ରାକେଶ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସରକାରୀ ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟବ୍ରତ ଗହିର, ସିଆରସିସି ଦୁର୍ଯ୍ୟୋଧନ ମାଝି, ଜଗଦୀଶ ତାଣ୍ଡି, ଭିମସେନ ମେହେର, ଖଗେଶ୍ୱର ବାଗ, ପ୍ରଦିପ ନାଏକ, ମହେନ୍ଦ୍ର ବାଗ, ଗୁରୁଚନ୍ଦ୍ର ସା ପ୍ରମୁଖ ଯୋଗଦାନ କରିଥିଲେ। ଧିରେନ୍ଦ୍ର କୁମାର ସା ମଞ୍ଚ ପରିଚାଳନା କଲେ। ସିଆରସିସି ଶ୍ରୀ ସୁନାନୀ କାର୍ଯ୍ୟକ୍ରମ ସୁନ୍ଦର ଭାବରେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରସ୍ତରୀୟ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଗଲା। ଶେଷରେ ଦିପକ କୁମାର ସା ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜସ୍ୱ ବିଭାଗ ସମୀକ୍ଷା ବୈଠକ**

## ଅନନ୍ତ ଶବର 'ରାଜସ୍ୱ ମିତ୍ର ପୁରସ୍କାର'ରେ ସମ୍ମାନିତ

**ନୂଆପଡ଼ା, ୭ ।୨(ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ରାଜସ୍ୱ ବିଭାଗ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଜିଲ୍ଲାପାଳ ସମସ୍ତ ରାଜସ୍ୱ ଅଧିକାରୀଙ୍କୁ ସ୍ୱାଗତ କରି ରାଜସ୍ୱ ଆଦାୟର ଗୁରୁ ଦାୟିତ୍ୱ ସମ୍ବନ୍ଧରେ ଚେତାଇ ଦେଇଥିଲେ। ରାଜସ୍ୱ ମାମଲା ସବୁ ତୁରନ୍ତ ଫୈସଲା କରିବା, ବେଆଇନ ଇଟାଭାଟି ସବୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ରାଜସ୍ୱ ବିଭାଗ ଜନସାଧାରଣଙ୍କ ନିକଟରେ ପହଞ୍ଚିବା ପାଇଁ'ଗାଁରେ ରାଜସ୍ୱ ପ୍ରଶାସନ'କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ କହିଥିଲେ। ଜିଲ୍ଲାପାଳ ପାର୍ଚ୍ଚାର କଲମ ୨ସଂଶୋଧନ, ବସୁନ୍ଧରା ଯୋଜନା, ଏନଫୋର୍ସମେଣ୍ଟ, ସିଟି ଏବଂ ଜିଏସଟି, ଅବକାରୀ, ପରିବହନ, ମାଇନିଂ ସମେତ ଅନ୍ୟ ରାଜସ୍ୱ ସମ୍ପର୍କିତ ବିଷୟଗୁଡିକର ସମୀକ୍ଷା କରିଥିଲେ। ଜାନୁୟାରୀ ୨୦୨୬ ସୁଦ୍ଧା ସିଟି ଏବଂ ଜିଏସଟି ବିଭାଗ ୧୭ କୋଟି ୧୫



ଲକ୍ଷ ଟଙ୍କା, ପ୍ରବର୍ତ୍ତନ ବିଭାଗ ୨ କୋଟି ୬୫ ଲକ୍ଷ, ବୈଧ ଓଜନ ଓ ମାପ ବିଭାଗ ୧୮, ୭୭, ୧୬୮ ଟଙ୍କା, ପରିବହନ ବିଭାଗ ୧୨ କୋଟି ୩୪ ଲକ୍ଷ ଟଙ୍କା, ଅବକାରୀ ବିଭାଗ ୧୬, ୫୮, ୧୬, ୫୬୫ ଟଙ୍କା, ଜିଲ୍ଲା ନିବନ୍ଧକ ୭, ୫୯, ୭୫, ୬୮୪ ଟଙ୍କା, ମାଇନିଂ ବିଭାଗ ୧, ୮୧, ୩୫ହଜାର ଟଙ୍କା ରାଜସ୍ୱ ପ୍ରଦାନ କରିଛନ୍ତି। ବନଖଣ୍ଡ ଅଧିକାରୀ ଅଜିଜ ଖାନ ଏବଂ ସମିର ସାହୁ ବନାଗ୍ନି ନିୟନ୍ତ୍ରଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଅବଗତ କରିଥିଲେ। ଜିଲ୍ଲାପାଳ ପୂର୍ବ ଘୋଷିତ ଜିଲ୍ଲାର ପ୍ରଥମ'ରାଜସ୍ୱ ମିତ୍ର ପୁରସ୍କାର'ରେ ଟାନୱାଟ ଗାଁର ଅନନ୍ତ ଶବରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତି ମାସରେ ଜଣେ ବ୍ୟକ୍ତି ଯିଏ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଛନ୍ତି ଏବଂ ସରକାରଙ୍କ ସମସ୍ତ ରାଜସ୍ୱ ନିୟମ ପ୍ରତିପାଳନ କରୁଛନ୍ତି ତାଙ୍କୁ 'ରାଜସ୍ୱ ମିତ୍ର' ଭାବରେ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିର କରାଯାଇଛି। ତ୍ରୈମାସିକ ଅବଧିରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ତହସିଲଦାର ନୂଆପଡ଼ା, ପ୍ରଣବ ରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର କୋମନା, ସୋନିଆ ଶ୍ରୀମଲ୍ଲିକ, ରାଜସ୍ୱ ସୁପରଭାଇଜର ଲକ୍ଷ୍ମୀ ନାରାୟଣ ମେହେର, ରାଜସ୍ୱ ନିରିକ୍ଷକ ଧନଞ୍ଜୟ ଦଣ୍ଡସେନା ଏବଂ ସର୍ବଶ୍ରେଷ୍ଠ ଅମିନ ଭାବରେ ନେତ୍ରାନନ୍ଦ ବିଶୀଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ। ଏହି ସମୀକ୍ଷା ବୈଠକରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ସମିର ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ବିଡିଓ, ଅନ୍ୟ ରାଜସ୍ୱ ଅଧିକାରୀ ଏବଂ ସଂପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଭିବିଜି ରାମଜି ମଣ୍ଡଳସ୍ତରୀୟ କର୍ମଶାଳା

**କଳମପୁର, ୭ ।୨(ସମିସ):** କଳମପୁର ବିଜେପିର ଭିବିଜି ରାମଜି ମଣ୍ଡଳସ୍ତରୀୟ କର୍ମଶାଳା ପଣ୍ଡିଗାଁ ସାପ୍ତାହିକ ବଜାର ପରିସରରେ ଅନୁଷ୍ଠିତ ହୋଇଯାଇଛି। କଳମପୁର



ମଣ୍ଡଳ ସଭାପତି ହିତେଶ କୁମାର ପାତ୍ରଙ୍କ ନେତୃତ୍ୱରେ କର୍ମଶାଳା ଆୟୋଜିତ ହୋଇଥିଲା। ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ, ଜିଲ୍ଲା ଭିବିଜି ରାମଜି ଜିଲ୍ଲା କୋଅଡିନେଟର ତ୍ରିନାଥ ଶବର, ଧର୍ମଗଡ଼ ନଗର ସଭାପତି ଘନଶ୍ୟାମ ଅଗ୍ରୱାଲ, କଳମପୁର ମଣ୍ଡଳ ପ୍ରଭାରି ଲକ୍ଷ୍ମୀ କାନ୍ତ ବାଗ, ସାଂସଦ ପ୍ରତିନିଧି ଅରୁଣ ଜଗରିଆ, ଥୁଆମୂଳ ରାମପୁର ମଣ୍ଡଳ ପ୍ରଭାରି ଘନଶ୍ୟାମ ନାଏକ, ରଣମାଳ ପ୍ରଭାରୀ ସୁଶାନ୍ତ ରାଉତ, ବରିଷ୍ଠ ନେତା ବିଜୟ ପଣ୍ଡା, ସମିତି ସଦସ୍ୟା ବୃନ୍ଦ ଭୋଇ, ରିନା ମାଝୀ ପ୍ରମୁଖ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଯୋଜନା ଉପରେ ଆଲୋକପାତ କରିଥିଲେ। ବିଜେପି ପକ୍ଷରୁ ହରେକୃଷ୍ଣ ସାହୁ, ସୁଜିତ ଦଣ୍ଡସେନା, ମୁକୁନ୍ଦ ତେଣ୍ଡକାରୀ, ଶିବାଜି ଚିନ୍ଦା, କୃପାସିନ୍ଧୁ ସାହୁ, ସୁଶିଲ ପତି, ଅରୁଣ ପଟେଲ, ଦୁତି କୃଷ୍ଣ ଖର୍ସେଲ ପ୍ରମୁଖ ସହଯୋଗ କରିଥିଲେ। କଳମପୁର ମଣ୍ଡଳ ପୂର୍ବତନ ବିଜେପି ସଭାପତି କମଳ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

